THE SUNDAY SECTION OF NITIDIN

ନିତିଦିନ NITIDIN

# ନଜର


୧୬ ପୃଷ୍ଠା | ରବିବାର ମ୍ୟାଗାଜିନ୍ | ରବିବାର, ମେ' ୩ ୨୦୨୬

## ମନୋରଞ୍ଜନ

ଡେରିରେ ଆସିବ 'ହେ ଜୱାନି ତୋ ଇସ୍କ ହୋନା ହେ'



# ଶକ୍ତି ସଙ୍କଟ



# ଶ୍ରୀ ରାମକୃଷ୍ଣ ଚରିତାମୃତ ୪୪

■ ମନୋଜ କୁମାର ମହାପାତ୍ର

କାମନାର ମାନେ ହେଉଛି-ମୃତ୍ୟୁ। ଆମକୁ ସେହି ଚିନ୍ତାଧାରାକୁ ମୂଳରୁ ନଷ୍ଟ କରିବାକୁ ପଡ଼ିବ। ସେଦିନ ରାତ୍ରିଟି ଶୀତଳ ଓ ନକ୍ଷତ୍ର-ଖଚିତ ଥିଲା। ଚାରିଆଡ଼େ ଶାନ୍ତି ବିରାଜମାନ କରୁଥିଲା। ଶାନ୍ତ ଓ ସ୍ନିଗ୍ଧ ବାତାବରଣରେ ପ୍ରଭାବିତ ହୋଇ ନରେନ୍ଦ୍ରଙ୍କର ଅନ୍ତର୍ମୁଖୀ ମନ ଧ୍ୟାନରେ ବୁଡ଼ି ଯିବା ପାଇଁ ବ୍ୟଗ୍ର ହୋଇ ଉଠିଲା। ସେ ଗୋଟିଏ ଗଛ ତଳେ ବସିଗଲେ ଏବଂ ଶୁଖିଲା ଘାସଗୁଡିକୁ ଦେଖି ସାଥୀଗଣଙ୍କୁ କହିଲେ-ଏଥିରେ ନିଆଁ ଲଗାଅ। ଏହି ସମୟରେ ସାଧୁମାନେ ନିଜର ଧୁନି ଜଳାନ୍ତି। ଆମେମାନେ ମଧ୍ୟ ସେଇଆ କରିବା ଓ ନିଜର ବାସନାକୁ ମଧ୍ୟ ଭସ୍ମୀଭୂତ କରିବା। ଧୁନି ପ୍ରଜ୍ଜ୍ୱଳିତ ହୋଇ ଉଠିଲା। ତରୁଣ ଭକ୍ତମାନେ ସେଥିରେ ଇନ୍ଧନ ପକାଇବା ସଙ୍ଗେସଙ୍ଗେ ନିଜ ନିଜର କାମନା-ବାସନାକୁ ମଧ୍ୟ ହୋମ କରିଦେଲେ। ସେହିଭଳି ବିଚାର ମାତ୍ରକେ ତାଙ୍କର ହୃଦୟ ଅବର୍ଣ୍ଣନୀୟ ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇଉଠିଲା। ସେମାନେ ଯଥାର୍ଥରେ ଅନୁଭବ କଲେ ଯେ ସେମାନଙ୍କର ମନ ବିଶୁଦ୍ଧ ହୋଇଗଲା ଏବଂ ସେ ଈଶ୍ୱରଙ୍କ ପାଖରେ ପହଞ୍ଚିବା ପାଇଁ ଯାଉଛନ୍ତି।

ଇତ୍ୟବସରେ ଏକ ମହତ୍ତ୍ୱପୂର୍ଣ୍ଣ ଓ ଅପୂର୍ବ ଘଟଣା ଘଟିଲା। ଉକ୍ତ ଘଟଣାରୁ ଶ୍ରୀ ରାମକୃଷ୍ଣଙ୍କର ଅସୀମ ଆଧ୍ୟାତ୍ମିକ ଶକ୍ତି ତଥା ନିଜର ଭକ୍ତଙ୍କ ପ୍ରତି ଅପାର ଅଦ୍ଭୁତ ପ୍ରେମ ଓ କରୁଣାର ପରିଚୟ ମିଳିଥିଲା। ଉକ୍ତ ଦିନଟି ଥିଲା ୧୮୮୬, ଜାନୁଆରୀ ୧ ତାରିଖ। ଶ୍ରୀ ରାମକୃଷ୍ଣ ସେଦିନ ଖୁବ୍ ସୁସ୍ଥ ଅନୁଭବ କରୁଥିଲେ। ଅପରାହ୍ଣ ୩ଟା ସମୟରେ ଅନେକ ଗୃହୀଭକ୍ତ ଉଦ୍ୟାନ-ବଗିଚାରେ ଉପସ୍ଥିତ ଥିଲେ, କାହିଁକି ନା ସେ ଦିନଟି ଛୁଟିଦିନ ରବିବାର ଥିଲା। ସେମାନଙ୍କର ଏକମାତ୍ର ଇଚ୍ଛା ଥିଲା ଶ୍ରୀ ରାମକୃଷ୍ଣଙ୍କୁ ଭେଟିବେ। ପାଖାପାଖି ୩୦ ଜଣ ଗୃହୀଭକ୍ତ ସେଠାରେ ଉପସ୍ଥିତ ଥିଲେ। ଚାତକ ପରି ସମସ୍ତେ ତାଙ୍କର ଆଗମନକୁ ଅପେକ୍ଷା କରିଥିଲେ। କିଛି ସମୟ ଉତ୍ତାରୁ ହଠାତ୍ ସେମାନେ ଦେଖିଲେ ଯେ ଶ୍ରୀ ରାମକୃଷ୍ଣ ଉପର-ମହଲାରୁ ଧୀର ପାଦରେ ତଳକୁ ଓହ୍ଲାଇ ଆସୁଛନ୍ତି। ଏମନ୍ତ ଦୃଶ୍ୟ ସମସ୍ତଙ୍କୁ ମୋହିତ ଓ ଆନନ୍ଦିତ କଲା। ସେଠାରେ ରାମକୃଷ୍ଣ ଉପସ୍ଥିତ ହେବାରୁ ଭକ୍ତମାନେ ଜଣ ଜଣ କରି ତାଙ୍କୁ ପ୍ରଣାମ କରିଥିଲେ। ଆଜି ନିଜ ଗହଣରେ ନିଜର ଆରାଧ୍ୟ ଗୁରୁଙ୍କୁ ପାଇ ସମସ୍ତଙ୍କ ହୃଦୟରେ ଭକ୍ତିର ଜୁଆର ଉଠିଲା। ଗିରିଶ, ରାମ, ଅତୁଲ ତଥା ଅନ୍ୟ ଭକ୍ତମାନେ ସେଠାରେ ଆସି ପହଞ୍ଚିଥିଲେ ଏବଂ ପ୍ରଣାମ କରିବାକୁ ଲାଗିଲେ।

ଶ୍ରୀ ରାମକୃଷ୍ଣ ହଠାତ ଗିରିଶଙ୍କୁ ଦେଖି ପଚାରିଲେ- ଆଚ୍ଛା ଗିରିଶ, ତୁମେ ମୋ ଠାରେ କ’ଣ ଏମିତି ଦେଖିଲ ଯେ ସବୁ ଲୋକଙ୍କ ଆଗରେ ମୋତେ ଅବତାର ବୋଲି ଘୋଷିତ କଲ ? ଏମନ୍ତ ପ୍ରଶ୍ନରେ ଗିରିଶଙ୍କ ଭିତରେ ଉଠିଲା ଭକ୍ତିଭାବର ଉତ୍ତାଳ ତରଙ୍ଗ। ସେ ତାଙ୍କ ସମ୍ମୁଖରେ ହାତଯୋଡ଼ି ଗଦ୍‌ଗଦ୍ କଣ୍ଠରେ କହିବାକୁ ଲାଗିଲେ - ହେ ପ୍ରଭୋ, ଯାହାର ମହିମା ବ୍ୟାସ ଓ ବାଲ୍ମିକୀଙ୍କ ଭଳି ମହର୍ଷିମାନେ ବର୍ଣ୍ଣନା କରିବାକୁ ସମର୍ଥ ନୁହେଁ, ସେ କ୍ଷେତ୍ରରେ ମୋ ଭଳି ଅଧମ ଜୀବ ଆପଣଙ୍କ ବିଷୟରେ କ’ଣ ବର୍ଣ୍ଣନା କରିପାରିବ ? ଏତକ କହି ସେ ଉଦ୍ୟାନରୁ ପୁଷ୍ପ ତୋଳି ଆଣି ତାଙ୍କ ପାଦରେ ଅର୍ପଣ କରି କାନ୍ଦି କାନ୍ଦି କହିଲେ - ହେ ପ୍ରଭୁ, ଆପଣ ଯଦି ଧରା ନଦେବେ, ଆମେ ଛାର ମଣିଷ କେମିତି ଆପଣଙ୍କର ଗୁଣଗାନ କରିପାରିବୁ। ଏତକ କହି ସେ ରାମକୃଷ୍ଣଙ୍କର ଚରଣ-ଯୁଗଳରେ ଲୋଟିଗଲେ। ତାଙ୍କୁ ଦେଖି ପ୍ରତ୍ୟେକ ବ୍ୟକ୍ତି ଫୁଲ ତୋଳି ଆଣି ରାମକୃଷ୍ଣଙ୍କ ପାଦରେ ଅର୍ପଣ କରିବାକୁ ଲାଗିଲେ। (କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯



# ଯେଉଁଠାରୁ ଆସିଥାଉ, ସେଠାକୁ ହିଁ ଫେରିଯିବା......

ଡ. ବିଜୟଲକ୍ଷ୍ମୀ ଶତପଥୀ

ଆମେ ଯେଉଁଠାରୁ ଆସିଥାଇଁ, ସେଠାକୁ ଫେରିଯିବା ଏହା ହିଁ ଜୀବନର ପ୍ରକୃତ ଲକ୍ଷ୍ୟ। ନଦୀ ଯେପରି ତାର ଜଳର ଅନ୍ତିମ ଉତ୍ପତ୍ତିସ୍ଥଳ ସାଗର ସହିତ ସଂଯୁକ୍ତ ହେବାକୁ ଅବିଶ୍ରାନ୍ତ ଗତିରେ ଧାବମାନ, ଅଗ୍ନି ଯେପରି ଅସ୍ଥିର ଶିଖା ବିସ୍ତାର କରି ତାର ମୌଳିକ ତତ୍ତ୍ୱରେ ବିମିଶ୍ରିତ ହୋଇଯିବାକୁ ପ୍ରଜ୍ଜ୍ୱଳିତ, ଆମକୁ ସେହିପରି ସେହି ପରମକାରଣଙ୍କର କୃପା ଲାଭ କରିବା ପାଇଁ, ତାଙ୍କରି ସହିତ ମିଳିତ ହୋଇଯିବା ହିଁ ଏହି ଧରାପୃଷ୍ଠରେ ଅବିଶ୍ରାନ୍ତ ଭାବରେ ଉଦ୍ୟମଶୀଳ ହେବାକୁ ପଡ଼ିବ। ଜୀବନର ଏକମାତ୍ର ଧ୍ୟେୟ ହେଉଛି ଆତ୍ମସାକ୍ଷାତକାର ବା ପରମ ମୁକ୍ତି। ପ୍ରତ୍ୟେକ ବ୍ୟକ୍ତିର ଅନ୍ତର ହେଉଛି ଦେବତ୍ୱ ବା ଈଶ୍ୱରତ୍ୱର ଚିର ନିବାସସ୍ଥଳ। ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ ହେଉଛି ଅନ୍ତର ମଧ୍ୟରେ ଈଶ୍ୱରତ୍ୱ ଉଦଘାଟିତ କରି ପର୍ଦ୍ଦଶନ କରିବା। ଜୀବନର ଉଦ୍ଦେଶ୍ୟ ହେଉଛି ସମସ୍ତ ପ୍ରକାର ପୃଥକ ବ୍ୟକ୍ତିତ୍ୱ ପରିହାର କରି ଭଗବତ୍ ପାଦରେ ଲୀନ ହୋଇଯିବା। ଭଗବାନ ଶ୍ରୀସତ୍ୟସାଇ ବାବା କୁହନ୍ତି, ତୁମ ପ୍ରତି ହୋଇଥିବା ଅପକାର ଓ ତୁମେ ଅନ୍ୟ ପାଇଁ କରିଥିବା ଉପକାରକୁ ଭୁଲିଯାଅ। ଭଗବାନଙ୍କ ଏହି ଦୁଇଧାଡ଼ି ଉପଦେଶ ଜଣେ ଅଧ୍ୟାତ୍ମ ପିପାସୁ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ। ସାଧାରଣତଃ ଆମର ଭାବନା ଖୁବ ଭଲ ଥିଲେ ମଧ୍ୟ, ଆମର ଅନିଚ୍ଛା ସତ୍ତ୍ୱେ ବେଳେ ବେଳେ କିଛି ଲୋକଙ୍କ ସହ ଆମ ସମ୍ପର୍କରେ ତିକ୍ତତା ଆସିଯାଏ। ଏସବୁ କ୍ଷେତ୍ରରେ କ୍ୱଚିତ ସେମାନେ ବୁଝିବାରେ ସମର୍ଥ ଥାଆନ୍ତି ଏବଂ ଆମର କ୍ଷତି ପହଞ୍ଚାଇ ଥାଆନ୍ତି।

ସାଧାରଣତଃ ଆମେ ଆମ ପ୍ରତି ହୋଇଥିବା ଅପକାରକୁ ଭୁଲି ପାରି ନଥାଉ। ସବୁବେଳେ ତାଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ସୁଯୋଗର ଅନେଷା କରିବସୁ। କିନ୍ତୁ ଭଗବାନ ବାବା କହନ୍ତି, ଅନ୍ୟମାନେ ତୁମ ପ୍ରତି କରିଥିବା ଅପକାରକୁ ଭଲିଯାଅ। ଆମ ପ୍ରତି ହୋଇଥିବା ଅପକାରକୁ ଭୁଲିବା ପାଇଁ ଆମକୁ କ୍ଷମା ଗୁଣର ଅଧିକାରୀ ହେବାକୁ ପଡ଼ିବ। ଯୀଶୁ ସେହି ମହାନ ଗୁଣରେ ଭୂଷିତ ଥିଲେ। ତାଙ୍କର ଏହି ଗୁଣ ଯୋଗୁଁ ସେ ତାଙ୍କୁ କୃଶବିଦ୍ଧ କରୁଥିବା ଲୋକମାନଙ୍କୁ କ୍ଷମା କରିଦେବାକୁ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲେ। ତେଣୁ ଆମକୁ ଯୀଶୁଙ୍କ ଭଳି ହୃଦୟର ଅଧିକାରୀ ହେବାକୁ ହେବ। ଏହା ବ୍ୟତିରେକ ଯଦି ଆମେ ସବୁବେଳେ ଆମ ପ୍ରତି ହୋଇଥିବା ଅପକାରକୁ ମନେ ପକାଉଥିବା, ତେବେ କ୍ରୋଧ, ଅହଂକାର, ଘୃଣା, ଈର୍ଷା ଭଳି ନକାରାତ୍ମକ ଭାବନା ମନକୁ କବଳିତ କରି ରଖିବ ଏବଂ ଆମର ଅନେକ ଦିନର ଆଧ୍ୟାତ୍ମିକ ସାଧନାକୁ ନଷ୍ଟ କରିଦେବ।

ଆହୁରି ମଧ୍ୟ ଆମେ ଅନେକ ସମୟରେ ଅନ୍ୟମାନଙ୍କର ଉପକାର କରିଥାଉ। ଏହି ଉପକାର ବଦଳରେ ଆମେ ଚାହୁଁ ଯେ ସେମାନେ ଆମ ପ୍ରତି କୃତଜ୍ଞ ରହନ୍ତୁ। ଯେତେବେଳେ ସେମିତି ହୁଏ ନାହିଁ, ଆମେ ସେମାନଙ୍କ ପ୍ରତି ଖରାପ ଭାବନା ରଖୁ। ଯେଉଁ ମୁହୂର୍ତ୍ତରେ ଏଭଳି ଭାବନା ଆମ ମନକୁ ଆସେ, ଅନ୍ୟ ପ୍ରତି କରିଥିବା ଆମ ଉପକାର ସ୍ୱାର୍ଥ ସହ ଜଡ଼ିତ ହୋଇଯାଏ। ଏହି ଉପକାରକୁ ଆମେ ନିଃସର୍ତ୍ତ, ନିଃସ୍ୱାର୍ଥ ବୋଲି କହିପାରିବା ନାହିଁ। ବରଂ ଆମେ ଭଗବାନଙ୍କ ପ୍ରତି ତଥା ସେବା କରିଥିବା ବ୍ୟକ୍ତିଙ୍କ ପ୍ରତି ନିଜେ କୃତଜ୍ଞ ରହିବା ଉଚିତ ଯେ ଆମକୁ ଏକ ସେବାର ସୁଯୋଗ ପ୍ରଦାନ କରିଛନ୍ତି। କିନ୍ତୁ ସେପରି ଭାବନା ନରଖି ଯଦି ଆମେ ଆମ ଉପକାର ପ୍ରତିବଦଳରେ କୃତଜ୍ଞତା ଭାବର ଆଶା ରଖିବା ଓ ସେହି ଉପକାରକୁ ସବୁବେଳେ ମନେ ରଖିଥିବା ତେବେ ଆମ ମଧ୍ୟରେ ଅହଂକାରର ବୃଦ୍ଧି ହେବ। ପରିମାଣତଃ ତାହା ଆମ ସାଧନା ପଥରେ ବାଧକ ହେବ। ତେଣୁ ଅନ୍ୟ ପ୍ରତି କରିଥିବା ଉପକାରକୁ ମଧ୍ୟ ଆମକୁ ଭୁଲିଯିବାକୁ ହେବ। ଭଗବାନ ବାବାଙ୍କ ପ୍ରତିଟି ଉପଦେଶ ଆମର ଆନନ୍ଦମୟ ଜୀବନ ସୁନିଶ୍ଚିତ କରେ। ଆହୁରି ମଧ୍ୟ ଅନ୍ୟର ଦୁଃଖରେ ଦୁଃଖୀ ହେବା ତ ସହଜ, କିନ୍ତୁ ଯେତେବେଳେ ଅନ୍ୟର ଖୁସିରେ ଖୁସି ହେବାର କଳା ଶିଖିଯିବା ତେବେ ଆନନ୍ଦମୟ ଜୀବନର ମନ୍ତ୍ର ଆମେ ଜାଣିଯିବା।

ଖରିଆର ରୋଡ଼,
ନୂଆପଡ଼ା



# ଶକ୍ତି ସଙ୍କଟ



ଆଧୁନିକତା ସହ ମଣିଷ ତାଳ ଦେଇ ଚାଲିଛି ସତ କିନ୍ତୁ ଯେତେସବୁ ସମସ୍ୟାକୁ ନିଜ ସହିତ ସମାନ୍ତରାଳ କରି ଆପଣେଇ ନେଇଛି, ସେଥିମଧ୍ୟରୁ ଶକ୍ତି ସଙ୍କଟ ଅନ୍ୟତମ। ଯେତେ ପ୍ରକାର ଶକ୍ତିକୁ ବିନିଯୋଗ କରି ମଣିଷ ନିଜର ସୁଖସୁବିଧାକୁ ଖଞ୍ଜି ଦେଇଛି ନିଜ ପାଇଁ, ତାହା ବ୍ୟବହାରର କିଛିଦିନ ପରେ ସଙ୍କଟ ପରିସ୍ଥିତି ଦେଇ ଗତି କରୁଛି। ସମୟ ଆସିବ ଏ ପୃଥିବୀରୁ ସରିଯିବ ସମସ୍ତ ପ୍ରାକୃତିକ ଗ୍ୟାସ, ତୈଳ ଭଳି ଇନ୍ଧନ। ମଣିଷ ଯେଉଁ ଭଳି ଆକାଶରେ ଉଡୁଛି କି ପାଣିରେ ବୁଡୁଛି, ସବୁ ବୁଦ୍ଧି ଦିନେ ନିଲାମ ହୋଇଯିବ। ଏମିତି ବି ହୋଇପାରେ ତୈଳ କି ଗ୍ୟାସ୍‌ର ଦର ଏତେ ମାତ୍ରାରେ ବୃଦ୍ଧି ହୋଇଯିବ ଯେ ସାଧାରଣ ମଣିଷ ଦୈନନ୍ଦିନ ଜୀବନରେ ଚଳିବା କଷ୍ଟ ହୋଇଯିବ। ଯାନବାହନ ଚଢ଼ିବା ହେଉ କି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କିଣିବା ହେଉ, ଏତେ ମହଙ୍ଗା ହୋଇଯିବ ଯେ ସମସ୍ତଙ୍କୁ ଚଳିବା କଷ୍ଟକର ହୋଇପଡ଼ିବ। ସବୁଠାରୁ ବଡ଼ କଥା ହେଲା ବୈଦେଶିକ ବଜାରରେ ପେଟ୍ରୋଲ କି ଡିଜେଲର ଦର କ୍ରମାଗତ ଭାବରେ ବୃଦ୍ଧି ପାଉଥିବାରୁ ଭାରତରେ ମଧ୍ୟ ଗ୍ୟାସ କି ତୈଳର ମୂଲ୍ୟ ଅହେତୁକ ଭାବରେ ବଢ଼ିଚାଲିଛି। ଏହାର ବିକଳ୍ପ କିଛି ନଥିବାରୁ ଲୋକମାନେ ବିଭିନ୍ନ ପ୍ରକାର ସମସ୍ୟା ଦେଇ ଗତି କରୁଛନ୍ତି ସିନା କୌଣସି ସମାଧାନର ବାଟ ପାଇପାରୁନାହାନ୍ତି। ତୈଳଦର କି ଗ୍ୟାସ୍‌ର ଦରବୃଦ୍ଧି ଘଟୁଥିବା କାରଣରୁ ବିଭିନ୍ନ ଜିନିଷର ଦରଦାମ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ସାଧାରଣ ଲୋକଙ୍କ ଜୀବନଧାରଣ ଅସ୍ତବ୍ୟସ୍ତ ହୋଇପଡୁଛି । ଏବେ ନୂଆ ଏକ ସମ୍ଭାବନା ଦେଖାଦେଇଛି, ଯାହାକୁ ବ୍ୟବହାର କରି ଶକ୍ତି ସଂକଟରୁ ସମସ୍ତଙ୍କୁ ରକ୍ଷା କରାଯାଇପାରିବ । ମଣିଷ ଏବେ ତୈଳର ବିକଳ୍ପ ରୂପେ ପବନ ଶକ୍ତି, ସୌର ଶକ୍ତି, ଜୁଆର ଶକ୍ତି ବା ଆଣବିକ ଶକ୍ତିରୁ ନୂତନ ଉତ୍ସ ଖୋଜିବାରେ ବ୍ୟସ୍ତ ରହିଛି । ସେହିଭଳି ପେଟ୍ରୋଲିୟମ ଚାଷ ଭବିଷ୍ୟତରେ ଏହାର ବିକଳ୍ପ ହୋଇପାରିବ ବୋଲି ଆଶା କରାଯାଉଛି । କଣ ରହିଛି ଏହାର ସମ୍ଭାବନାମୟ ପରିସ୍ଥିତି ଓ ଭବିଷ୍ୟତରେ କିଭଳି ଭାବରେ ସାହାରା ହୋଇପାରିବ, ସେ ସମ୍ପର୍କରେ ଏକ ବିଶେଷ ଆଲେଖ୍ୟ ।

## ସାଂପ୍ରତିକ କାଳରେ ଶକ୍ତି ସଙ୍କଟ ଏକ ସମସ୍ୟା–

ସାଂପ୍ରତିକ ସମୟରେ ଶକ୍ତି ସଙ୍କଟ କିଭଳି ଭାବରେ ହେଉଛି, ସମସ୍ତେ ପ୍ରାୟ ଅନୁଭବ କରିସାରିଲେଣି । ଭବିଷ୍ୟତରେ ଏହା କେତେ ଉତ୍କଟ ରୂପ ଧାରଣ କରିବ, ତାହା ମଧ୍ୟ ଜଳଜଳ କରି ଦିଶିଲାଣି । ଲୋକେ ନିଜର ସୁବିଧା ପାଇଁ ଯେଭଳି ସୁବିଧାବାଦୀ ହୋଇ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଆଧୁନିକତାର ବହପ ଦେଖାଉଛନ୍ତି, ସମୟ ଆସିବ ସମସ୍ତ ଯନ୍ତ୍ରଚାଳିତ ଯାନ ପାଇଁ ଇନ୍ଧନର ଅଭାବ ଦେଖାଯିବ। ସେଥିପାଇଁ ଏବେ ଇ-ମୋବିଲିଟିକୁ ଗୁରୁତ୍ୱ ଦିଆଯାଇ ବିନା ଇନ୍ଧନରେ କିଭଳି ଯାନ ପ୍ରସ୍ତୁତ କରି ଚଳାଯାଇପାରିବ, ସରକାର ଗୁରୁତ୍ୱ ଦେବା ସହିତ ଜନସାଧାରଣଙ୍କୁ ସଚେତନ କଲେଣି ।

## ଇ-ମୋବିଲିଟି କଣ


ବିଦ୍ୟୁତ ଶକ୍ତି ଦ୍ୱାରା ପରିଚାଳିତ ଯାନବାହନ ଓ ତାହାର ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଇ-ମୋବିଲିଟି ବୋଲି କୁହାଯାଏ । ପାରମ୍ପରିକ ଇନ୍ଧନରୁ ମୁକ୍ତି ପାଇ ପରିବେଶର ସନ୍ତୁଳନତା ଓ ପ୍ରଦୂଷଣତା ରୋକିବାକୁ ଇଏ ଏକ ପ୍ରୟାସ । ଏହାଦ୍ୱାରା ବିଭିନ୍ନ ଗାଡ଼ିମୋଟର ଇଲେକ୍‌ଟ୍ରିକ୍ ଚାର୍ଜିଂ ଦ୍ୱାରା ରାସ୍ତାରେ ଗଡ଼ି ପାରିବ । ଆଉ କୌଣସି ଇନ୍ଧନ ଉପରେ ଭରସା କରିବାକୁ ପଡ଼ିବ ନାହିଁ କି ଦେଶରେ ତୈଳ ସଙ୍କଟ ପାଇଁ ଚିନ୍ତା ବି କରିବାକୁ ପଡ଼ିବ ନାହିଁ । ବ୍ୟାଟେରି ଚାଳିତ ଗାଡିରେ ଲିଥିୟମ୍ ଆୟନ ବ୍ୟାଟେରି ବ୍ୟବହାର ହୋଇଥାଏ । ଏହି ପ୍ରକାର ବ୍ୟାଟେରିରେ ଏନର୍ଜି ଡେ଼ନ୍‌ସିଟି ଅଧିକ ଥିବାରୁ ଏହା ବେଶୀ ଦୀର୍ଘସ୍ଥାୟୀ । ବ୍ୟାଟେରି ଚାଳିତ ଯାନ ଥରେ ଚାର୍ଜିଂ ହେଲେ ଅତିକମରେ ୧୨୦ କି.ମି. ଯାଇପାରିବ । ଭାରତ ସରକାର ପ୍ରଦୂଷଣକୁ ଆଖି ଆଗରେ ରଖି ୨୦୨୦ ସୁଦ୍ଧା ୬୦ ଲକ୍ଷ ବ୍ୟାଟେରୀ ଚାଳିତ ଯାନ ଚଳାଇବାର ଯୋଜନା ରଖିଛନ୍ତି । ଏହା ପାରମ୍ପରିକ ଯାନବାହାନର ବିକଳ୍ପ ରୂପ ନେବ ବୋଲି ଭବିଷ୍ୟତ ସୂଚନା ଦେଉଛି ।

## ପେଟ୍ରୋଲିୟମ ଚାଷ ସମ୍ଭବ କି ?

ବୈଜ୍ଞାନିକମାନେ କହିଲେଣି ଯେ ପୃଥିବୀରୁ ଶକ୍ତି ସଙ୍କଟ ଦୂର କରିବାକୁ ହେଲେ ଆଉ ଖଣି ନୁହେଁ ପ୍ରାକୃତିକ ଭାବରେ ହିଁ ପେଟ୍ରୋଲିୟମ ଚାଷ କରିବାକୁ ପଡ଼ିବ । ଯଦି ଏହା କରା ନଯାଏ ବା ଗବେଷଣା ଶେଷ ପର୍ଯ୍ୟାୟରେ ନପହଞ୍ଚି ସଫଳତା ନମିଳେ, ତାହେଲେ ପରିସ୍ଥିତି ଭୟଙ୍କର ହୋଇଯିବ। ଲୋକେ ପାଣି ବିନା ଯେମିତି ଛଟପଟ ହେଉଛନ୍ତି, ସେମିତି ସମୟ ଆସିବ ତେଲ ଟୋପେ ବିନା ନାନା ଅସୁବିଧାର ସମ୍ମୁଖୀନ ହେବେ । ଏଥିପାଇଁ ବୈଜ୍ଞାନିକମାନେ ମକା ଓ ସୋୟାବିନ ଫସଲ ଉପରେ ନଜର ପକାଇଛନ୍ତି ଜୈବ ଓ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ଏହି ଫସଲରୁ ଯଦି ଇନ୍ଧନ ଯୋଗାଡ଼ କରାଯାଇପାରିଲା, ତାହେଲେ ତେଲ ପାଇଁ ଦେଖାଦେଇଥିବା ଉତ୍କଟ ସମସ୍ୟା ତଥା ତେଲଦର ବୃଦ୍ଧିକୁ ରୋକାଯାଇପାରିବ ।



ଆହୁରି ବି ବୈଜ୍ଞାନିକମାନେ ଭାବୁଛନ୍ତି, କେବଳ ଏହି ଦୁଇଟି ଉଦ୍ଭିଦ ନୁହେଁ, ଅନ୍ୟ ଗଛପତ୍ରରୁ ବି ତୈଳ କିଭଳି ଭାବରେ ପ୍ରସ୍ତୁତ କରାଯାଇପାରିବ, ସେବାବଦରେ ଗବେଷଣା ଚାଲୁ ରହିଛି ।



ନୋବେଲ ପୁରସ୍କାରପ୍ରାପ୍ତ ବୈଜ୍ଞାନିକ ମେଲଭିନ୍ କାଲଭିନ କହିଥିଲେ ଯେ ପେଟ୍ରୋଲିୟମ ଚାଷ କରି ଅଭାବ ପୂରଣ କରିହେବ । ସେ ଦୃଢ଼ ଭାବରେ ମତ ପୋଷଣ କରି କହିଲେ , ଯୋଯୋବା ନାମକ ଏକ ଗଛରୁ ଯେଉଁ ତେଲ ପ୍ରସ୍ତୁତ ହୋଇପାରିବ ଏହା ଘର୍ଷଣ ହ୍ରାସକ କି ପ୍ରସାଧନ ସାମଗ୍ରୀ ପାଇଁ ନୁହେଁ ବରଂ ଏହାର ଆବଶ୍ୟକତା ପୂରଣ ସ୍ୱରୂପ ପେଟ୍ରୋଲିୟମ ଅଭାବକୁ ଦୂର କରିପାରିବ ।

ସେ ଏବାବଦରେ ମତ ପ୍ରଦାନ କରି ଆହୁରି କହିଥିଲେ ଯେ ଶୁଷ୍କ ଜଳବାୟୁ ଅଞ୍ଚଳରେ ଏହା ଚାଷ କରିବା ପାଇଁ ଉପଯୁକ୍ତ । ଅନୁର୍ବର ଜମି ବ୍ୟବହାର ହୋଇପାରୁ ନଥିବା ବେଳେ ଏହି ଯୋଯୋବା ଗଛ ପାଇଁ ଅନୁର୍ବର ଜମି ହିଁ ଉପଯୁକ୍ତ ଓ କମ୍ ସାରବିଷ ପ୍ରୟୋଗ କରି ଏହି ଗଛକୁ ବୃଦ୍ଧି କରାଯାଇପାରିବ । ଅଷ୍ଟ୍ରେଲିଆର ଡ଼ାର୍ଲିଙ୍ଗ ଡ଼ାଉନ୍ସ ଇନିଷ୍ଟିଚ୍ୟୁଟ୍ ଅଫ୍ ଆଡ଼ଭାନ୍ସସ ଏଜୁକେସନ, ପ୍ରମାଣିତ କରି ଦେଖାଇଛନ୍ତି ଯେ ସୂର୍ଯ୍ୟମୁଖୀ ତେଲରୁ ଡ଼ିଜେଲ ଭଳି ଇନ୍ଧନ ପ୍ରସ୍ତୁତ କରାଯାଇପାରିବ । ସେ ଅନେକ ପରୀକ୍ଷା ନିରୀକ୍ଷା କରି ଦେଖିଲେ ଯେ କେବଳ ଡ଼ିଜେଲ ନୁହେଁ ଇଞ୍ଜିନରେ ମଧ୍ୟ ଏହି ସୂର୍ଯ୍ୟମୁଖୀ ତେଲରୁ ତାହାର ବିକଳ୍ପ ଭାବରେ ବ୍ୟବହାର କରାଯାଇପାରିବ ।

ଭବିଷ୍ୟତରେ ଯଦି ଗବେଷଣାରେ ଶହେ ପ୍ରତିଶତ ସଫଳତା ମିଳେ, ତାହେଲେ ଡ଼ିଜେଲ ପାଇଁ ଆଉ କେଉଁ ଦେଶ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ ବରଂ କୃଷକମାନେ ଡ଼ିଜେଲ ଆବଶ୍ୟକତା ପୂରଣ କରିବାକୁ ସୂର୍ଯ୍ୟମୁଖୀ ଚାଷ କରି ବେଶ୍ ଲାଭବାନ ହୋଇପାରିବେ ।

ଆମେରିକାର 'ମିଲ୍କ ଉଇଡ୍' ନାମକ ଏକ ଗଛ ଅଛି, ଯେଉଁ ଗଛରୁ ପେଟ୍ରୋଲିୟମ ଉତ୍ପାଦନ କରାଯାଇପାରିବ । ଏହି ଗଛକୁ ମେସିନରେ ପେଡ଼ି, ସେଥିରୁ ବାହାରୁଥିବା ରସକୁ ତୈଳ ପ୍ରସ୍ତୁତ କରିହେବ ବୋଲି ଯୁକ୍ତି ବାଢ଼ିଛନ୍ତି ଗବେଷଣାରତ ବୈଜ୍ଞାନିକ । ଏହା ଏକ ବିଷଜାତୀୟ ଗଛ ଓ ଏହା ମଣିଷ ସମାଜର ବିଶେଷ କାମରେ ଲାଗେନାହିଁ । ତେଣୁ ଏହି ଗଛକୁ ଯଦି ଚାଷ କରାଯାଇ ସେଥିରୁ ତୈଳ ପ୍ରସ୍ତୁତ କରାଯାଇପାରିଲା, ତାହେଲେ ଭବିଷ୍ୟତରେ ପେଟ୍ରୋଲ ସମସ୍ୟା ଦେଖାଯିବ ନାହିଁ ।

ସେହିଭଳି ଆମାଜନ ନଦୀକୂଳରେ କେପିଇବା ନାମକ ଗଛରୁ ମଧ୍ୟ ଡ଼ିଜେଲ ପ୍ରସ୍ତୁତ କରାଯାଇପାରିବ ବୋଲି ବୈଜ୍ଞାନିକମାନେ ଆଶାପୋଷଣ କରୁଛନ୍ତି । ଏହି ଗଛ ଅନ୍ୟୁନ ୨୦୦ଫୁଟ ଉଚ୍ଚତା ହୋଇଥାଏ । ଏହି ଗଛ ଅଧିକ ଉଚ୍ଚା ହୋଇଥିବାରୁ ଉତ୍ପାଦନ ମଧ୍ୟ ଯଥେଷ୍ଟ ପରିମାଣରେ ହେବା ଆଶା କରାଯାଉଛି ।

## ବାଓ ଫୁଏଲ-

ସାଧାରଣତଃ ଇନ୍ଧନରୁ ଗାଡ଼ି ମୋଟର ଚାଲିବା କଥା ସମସ୍ତେ ଜାଣିଥାନ୍ତି । କିନ୍ତୁ ଏହା ପରିବେଶ ପ୍ରଦୂଷଣର ପ୍ରମୁଖ ଭୂମିକା ନେଉଥିବାରୁ ଆଜିକାଲି କିଭଳି ପୃଥିବୀକୁ ପ୍ରଦୂଷଣମୁକ୍ତ ରଖାଯାଇପାରିବ, ସେହି ଚେଷ୍ଟାରେ ତାହାର ବିକଳ୍ପଗୁଡ଼ିକୁ ଗ୍ରହଣ କରାଯାଉଛି । ସେମିତି ବାଓ ଡ଼ିଜେଲ ହେଉଛି ଏକ ବିକଳ୍ପ । ଫ୍ୟାଟ୍ ଓ ଅଏଲରୁ ପ୍ରସ୍ତୁତ କରାଯାଇ ବ୍ୟବହାର ଉପଯୋଗୀ କରାଯାଇଥାଏ । ୟୁରୋପରେ ଏହି ବାଓ ଡ଼ିଜେଲର ବ୍ୟବହାର କିଛି କମ୍ ନୁହେଁ । ଏହି ବାଓ ଡ଼ିଜେଲର ବ୍ୟବହାର ଯୋଗୁ ଅପେକ୍ଷାକୃତ ପ୍ରଦୂଷଣ ରୋକାଯାଇପାରିବ ନାହିଁ ବରଂ ଏହା ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ପୂର୍ବାପେକ୍ଷା ରୋକା ଯାଇପାରିବ । ଏହାକୁ କେବଳ ପରୀକ୍ଷାମୂଳକ ନୁହେଁ ୟୁରୋପ ସମେତ ଅଷ୍ଟ୍ରେଲିଆ ଆଦି ଦେଶରେ ଗବେଷଣାର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚି ବ୍ୟବହାର କରିବା ସହ କିଭଳି ଏହାକୁ ଅଧିକ ପରିମାଣରେ ଓ କମ୍ ଖର୍ଚ୍ଚରେ ଲୋକଙ୍କ ପାଖରେ ପହଞ୍ଚା ଯାଇପାରିବ, ଚେଷ୍ଟା ଜାରି ରଖିଛନ୍ତି । ଏହା ଯଦିଓ ଜେନେରେସନ ଅନୁସାରେ ପରିବର୍ତ୍ତନ କରାଯାଇଛି ଓ ଏହାର ଆଡ଼ଭାନ୍ସ ରୂପରେଖକୁ ବ୍ୟବହାର କରାଯାଇଛି । କିନ୍ତୁ ଏବେ ପେଟ୍ରୋଲ ଓ ଡ଼ିଜେଲର ସମସ୍ୟାକୁ ଦେଖି ଅନେକ ଦେଶ ବାଓ ଫୁଏଲ ପ୍ରସ୍ତୁତ କରିବାରେ ମନୋନିବେଶ କଲେଣି ।

## ଶକ୍ତି ସଙ୍କଟରୁ ରକ୍ଷା କରିବାର ପ୍ରାକୃତିକ ଉପାୟ-

ଶକ୍ତି ସଙ୍କଟ ଦେଖାଯାଉଥିବାରୁ ଏବେ ବିଭିନ୍ନ ଉପାୟରେ କିଭଳି ଶକ୍ତି ଉତ୍ପନ୍ନ ଓ ଉପଯୋଗ କରାଯାଇପାରିବ, ଅନେକ ଦେଶ ଗବେଷଣାରେ ମନୋନିବେଶ କଲେଣି । ଯେଉଁ ସବୁ ପ୍ରାକୃତିକ ଉତ୍ସ ରହିଛି, ସେସବୁକୁ ବ୍ୟବହାର କରି ଶକ୍ତି ସଂରକ୍ଷଣ କରିବାକୁ ଯୋଜନା କରିବା ଯଦିଓ ନୂଆ ନୁହେଁ କିନ୍ତୁ ଏହା ବାବଦରେ ଅଧିକରୁ ଅଧିକ ଗବେଷଣା ଓ ଜୈବ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ପାଇଁ ଅନେକ ଦେଶ ତତ୍ପର ହୋଇଯାଇଛନ୍ତି । ସମୁଦ୍ର ଜୁଆର ହେଉ ଅବା ପବନ, ସୂର୍ଯ୍ୟକିରଣ ହେଉ ଅବା ବର୍ଷାଜଳକୁ ବ୍ୟବହାର କରି କିଭଳି ଶକ୍ତି ସଙ୍କଟରୁ ରକ୍ଷା ପାଇପାରିବା, ସେବାବଦରେ ଏବେ ଯେଭଳି ଭାବରେ ବୈଜ୍ଞାନିକମାନେ ପ୍ରୟାସ ଜାରି ରଖିଛନ୍ତି, ଆଗାମୀ ଦିନରେ ଆଉ ପେଟ୍ରୋଲ କିମ୍ବା ଡ଼ିଜେଲ, ଗ୍ୟାସ୍ ପାଇଁ ତୈଳ ଉତ୍ତୋଳନକାରୀ ପ୍ରମୁଖ ଦେଶମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ ।



## ଯୁଦ୍ଧନ୍ମୁଖୀ ଦେଶ ଓ ତୈଳଦର-

ଯେଉଁସବୁ ଗଲ୍ଫ ଦେଶଗୁଡ଼ିକ ତୈଳକୁ ନେଇ ନିଜର ପତିଆରା ଦେଖାଉଛନ୍ତି, ସେମାନଙ୍କ ମଧ୍ୟରେ ପ୍ରତିଯୋଗୀ ମନୋଭାବ ତଥା ଅସହିଷ୍ଣୁତା କାରଣ ପାଇଁ ତୈଳଦର ମଧ୍ୟ ଆକାଶଛୁଆଁ ହେବାରେ ଲାଗିଛି । ବିଶ୍ୱ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବାରମ୍ବାର ବୃଦ୍ଧି ଘଟିବା ଯୋଗୁ ଆରବୀୟ ଦେଶ ବ୍ୟତୀତ ଅନ୍ୟସବୁ ଯେଉଁ ଦେଶ ତେଲ ଉପରେ ନିର୍ଭର କରି ରହିଲେ, କେବଳ ତୈଳଦରକୁ ନେଇ ଚିନ୍ତିତ ନୁହନ୍ତି ବରଂ ସବୁ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ ବୃଦ୍ଧି ଯୋଗୁ ବ୍ୟଥିତ ହୋଇପଡ଼ିଛନ୍ତି । ସାଉଦୀ ଆରବ, ଇରାକ, ଇରାନ ଆଦି ଦେଶଗୁଡ଼ିକ ସବୁବେଳେ ହିଂସାର ପଥ ଅନୁସରଣ କରି ଯେଭଳି ଯୁଦ୍ଧନ୍ମୁଖୀ ହୋଇପଡ଼ିଛନ୍ତି, ସେମାନଙ୍କର ଏହି ଅସ୍ଥିରତା ପାଇଁ ତୈଳଦର ବୃଦ୍ଧି ଘଟିବା ସହ ବିଶ୍ୱସମୂହ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହାର ବିକଳ୍ପ ସ୍ୱରୂପ କେବଳ ବାଓ ଫୁଏଲର ବହୁଳ ବ୍ୟବହାର କରାଯାଇପାରିଲେ, ଏମାନଙ୍କର ପ୍ରତିପତ୍ତି ଓ ମୂଲ୍ୟ ହ୍ରାସ ପାଇବ ବୋଲି ଆଶା କରାଯାଉଛି ।



## ଶକ୍ତି ସଙ୍କଟ ଓ ସଚେତନତା ଅଭାବ-

ଶକ୍ତି ବିନିଯୋଗ କ୍ଷେତ୍ରରେ ମାନବ ସମାଜ ଯେତିକି ଯତ୍ନଶୀଳ, ସଙ୍କଟ କ୍ଷେତ୍ରରେ ସେତିକି ସଚେତନ ନୁହନ୍ତି । ଆଧୁନିକ ମାନବ ସମାଜ ନିଜ ସ୍ୱାର୍ଥରେ ଏତେ ଦରଦୀ ଯେ ଆଉ କେଉଁ କଥାରେ ମୁଣ୍ଡ ପୂରାଇବାକୁ ନାରାଜ । ଶକ୍ତି ସଙ୍କଟ ଉତ୍କଟ ସମସ୍ୟା ହୋଇ ଆମ ଆଗରେ ଛିଡ଼ା ହେଲେବି ଏକଥାକୁ କାହାର ଭ୍ରୁକ୍ଷେପ ନାହିଁ । କେବଳ ପେଟ୍ରୋଲ , ଡ଼ିଜେଲ କି ଗ୍ୟାସ ନୁହେଁ , ଯେଉଁ ସବୁ ଉତ୍ସରୁ ଶକ୍ତି ଉପଯୋଗ ନିମନ୍ତେ ମଣିଷ ନିର୍ଭରଶୀଳ, ସେ ଦିଗ ପ୍ରତି ଆଦୌ ଗୁରୁତ୍ୱ ଦେଉନାହାନ୍ତି । ଅନେକ ସମୟରେ ଆମର ଖାମଖିଆଲ ଗୁଣ ପାଇଁ ଶକ୍ତି ଅପଚୟକୁ ଗୁରୁତ୍ୱ ଦେଇ ନଥାଉ, ଯାହା ପରବର୍ତ୍ତୀ ସମୟରେ ଆମ ପାଇଁ କାଳ ହୋଇଯାଇଥାଏ । ଶକ୍ତି ସଙ୍କଟକୁ ଉପଲବ୍ଧି କରୁଥିଲେ ବି ଅନେକ ସମୟରେ ଅପଚୟ ହୋଇଯାଉଥିବା ଶକ୍ତିର ସଂରକ୍ଷଣ ନିମନ୍ତେ ଆମେ କୁଣ୍ଠା ପ୍ରକାଶ କରିଥାଉ । ଏବେ ଯଦିଓ ଅନେକ ସରକାରୀ ଓ ବେସରକାରୀ ସଂସ୍ଥାମାନେ ଏହି ଶକ୍ତି ସଂରକ୍ଷଣ ବାବଦରେ ଅନେକ ସଚେତନତା କର୍ମଶାଳାମାନ ଅନୁଷ୍ଠିତ କରାଇ ଲୋକଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରୁଛନ୍ତି, ତାହା କିନ୍ତୁ ବିଶେଷ ଫଳପ୍ରଦ ହୋଇପାରୁନାହିଁ । ଯେଉଁ ଶିକ୍ଷିତ ଲୋକମାନେ ସମାଜରେ ବସବାସ କରୁଛନ୍ତି, ସେମାନେ ଯେତେବେଳେ ଏବାବଦରେ ସଚେତନ ନୁହନ୍ତି, ନିରକ୍ଷର ତଥା ନିମ୍ନବର୍ଗର ଲୋକଙ୍କ ଠାରୁ କଣ ଆଶା କରିବା ।

## ସୌରଶକ୍ତି ବିକଳ୍ପ-

ଆଧୁନିକ ସମାଜରେ ଯେଉଁସବୁ ବିକଳ୍ପ ଭାବରେ ଶକ୍ତି ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି, ସେସବୁ ମଧ୍ୟରେ ସୌରଶକ୍ତିକୁ ଅଧିକ ଟିକେ ପ୍ରାଧାନ୍ୟ ଦିଆଯାଇପାରିଛି । ଅନେକ ସ୍ଥାନରେ ବିଜୁଳିର ଅଭାବକୁ





ସୌରଶକ୍ତି ସାହାଯ୍ୟରେ ପୂରଣ କରାଯାଇପାରିଛି । ବିଜୁଳି ସଙ୍କଟ ଓ ଖର୍ଚ୍ଚକୁ ଲକ୍ଷ୍ୟ କରାଯାଇ, ଅନେକ ପ୍ରତିଷ୍ଠାନ ଓ ଘରୋଇ ବ୍ୟବହାରକାରୀ ସୌରଶକ୍ତିକୁ ଗୁରୁତ୍ୱ ଦେଉଥିବାର ଦେଖାଗଲାଣି । ଫଟୋ ଇଲେକ୍ଟ୍ରିକ ଇଫେକ୍ଟରେ ସୌରଶକ୍ତି ବିଜୁଳିରେ ରୂପାନ୍ତରିତ ହୋଇ ଚାହିଦା ପୂରଣ କରିପାରିଥାଏ । ସିଧାସଳଖ ଭାବରେ ବ୍ୟବହାର କରାଯାଉଥିବା ସୌରଶକ୍ତିକୁ ଫଟୋ ଭୋଲାଟାଇଜ(ପିଭି) କୁହାଯାଉଥିବାବେଳେ ଏହାକୁ ସଂରକ୍ଷିତ ରଖି ବ୍ୟବହାର କରିବା ପଦ୍ଧତିକୁ ସିଏସ୍‌ପି(କନସେଣ୍ଟ୍ରେଟେଡ୍‌ ସୋଲାର ପାୱାର) ବୋଲି କୁହାଯାଇଥାଏ । ବିଶେଷକରି ବିଜୁଳି ଭୂତଳ ଯୋଗାଯୋଗ ବହୁଳ ଭାବରେ ସମ୍ଭବ ହୋଇପାରୁ ନଥିବା କାରଣରୁ ବର୍ଷା କି ଝଡ଼ତୋଫାନରେ ବିଜୁଳି କଟିଯାଇଥାଏ । ଫଳରେ ବିଜୁଳିକୁ ନେଇ ଯେଉଁ ସମସ୍ୟା ଦେଖାଯାଇଥାଏ, ତାହା ଏହି ସୌରଶକ୍ତିର ବ୍ୟବହାର ହିଁ ତାହାର ଭରଣା କରିଥାଏ ।

### ସବୁଜ ପୃଥିବୀ ଅଭିମୁଖେ-

ବର୍ତ୍ତମାନ ସମୟରେ ଯେଉଁଳି ଭାବରେ ଜଳବାୟୁ ପ୍ରଦୂଷିତ ହେବାରେ ଲାଗିଲାଣି, ମଣିଷ ଏକ ସବୁଜ ପୃଥିବୀ ଆଡ଼କୁ ଅଗ୍ରସର ହେବାରେ ଲାଗିଛି । ଶକ୍ତି କ୍ଷେତ୍ରରେ ମଧ୍ୟ ସେମିତି ବଡ଼ ପରିବର୍ତ୍ତନଟିଏ ବିଶ୍ୱ ଖୁବ୍ କମ୍ ଦିନ ଭିତରେ ଦେଖିବାକୁ ଯାଉଛି । ଏବେ ଜୈବ ପ୍ରଯୁକ୍ତିବିଦ୍ୟାର ଗବେଷଣା ଓ ପ୍ରୟୋଗ ମଣିଷକୁ ଏକ ଶକ୍ତି ଉତ୍ପନ୍ନ ଓ ଉପଯୋଗ ନିମନ୍ତେ ନୂଆ ରାସ୍ତାଟିଏ ଦେଖାଉଛି । ଇ-ମୋବିଲିଟି ହେଉ ଅବା ବାଓ ଫୁଏଲ, ଏହା ହେଉଛି ବିଶ୍ୱ ସବୁଜତା ଅଭିମୁଖେ ଆଗେଇବାର ଏକ ଉଦାହରଣ । ସମୟ ଆସିବ ଲୋକେ ଆଉ ଜୀବାଶ୍ମ ଇନ୍ଧନ ନୁହେଁ, ନିଜର ବୈଜ୍ଞାନିକ ଜ୍ଞାନକୌଶଳରେ ପ୍ରକୃତିର ଶକ୍ତିକୁ ସଂରକ୍ଷଣ କରି ସମ୍ପୂର୍ଣ୍ଣ ଭାବରେ ନିର୍ଭରଶୀଳ ହୋଇପଡ଼ିବେ ଓ ବ୍ୟବହାର କରିବାକୁ ସହଜସାଧ୍ୟ ବୋଲି ଉପଲବ୍ଧି କରିବେ ।



## ମନକୁ ଆସିଲା ଯାହା ୬୮

# ଆବେଦନ..ନିବେଦନ..ଦନାଦନ



ସୌମ୍ୟଶ୍ରୀ ପାଣିଗ୍ରାହୀ

ବେଳେବେଳେ ସତ୍ୟଠାରୁ କଳ୍ପନା, ଆହୁରି ଭୟଙ୍କର ହୋଇପାରେ। ଯେତେବେଳେ ଏକ ନଗ୍ନ ସତ୍ୟ, ବ୍ୟବସ୍ଥାର ବିସଙ୍ଗତିକୁ ଉଜାଗର କରେ, ସେତେବେଳେ ଜନ୍ମନିଏ ଘିନୁଆ ପରି ଚରିତ୍ରଟିଏ। ପ୍ରାୟ ଶତାବ୍ଦୀ ତଳେ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଲିଖିତ ‘ଶିକାର’ ଗପଟି ସମ୍ବନ୍ଧରେ ଏହା ଥିଲା ମନ୍ତବ୍ୟ ଜଣେ ପ୍ରସିଦ୍ଧ ବକ୍ତାଙ୍କର। କିନ୍ତୁ ଏକଥାଟି ଆଜିବି ପ୍ରାସଙ୍ଗିକ ମନେହୁଏ। ସେଦିନର ଘିନୁଆ ନିଜର ସରଳ ଚିନ୍ତା ଓ ବ୍ୟବସ୍ଥା ଉପରେ ଅଗାଢ ବିଶ୍ୱାସରେ ମାରିଦେଇଥିଲା ସର୍ଦ୍ଦାରକୁ ଏବଂ ସଦ୍ୟକଟା ମୁଣ୍ଡଟିକୁ ହାତରେ ଧରି ପୁଲିସ ଷ୍ଟେସନରେ ପହଞ୍ଚିଥିଲା ପୁରସ୍କାର ଆଶାରେ। ଆଖପାଖର ଦେଖଣାହାରୀ ମାନେ ଚାହିଁଥିଲେ ଆଖିତରାଟି ମାତ୍ର ଘିନୁଆ ଥିଲା ଅବିଚଳିତ, ନିଜ ବିଶ୍ୱାସରେ ଅଟଳ।

ଗତ ସପ୍ତାହରେ ଚାରିଆଡେ ଛାଇଯାଇଛି ଜିତୁ ମୁଣ୍ଡାର ଖବର। କେନ୍ଦୁଝରର ପାଟଣା ବ୍ଲକର ମଲ୍ଲିପୋଶୀ ଗାଁର ସେଇ ଲୋକଟା, ଯିଏ ବ୍ୟାଙ୍କରେ ପହଞ୍ଚିଥିଲା ନିଜ ଭଉଣୀ କାଲରା ମୁଣ୍ଡାର ଗଳିତ ଶବ ନେଇ। ଓଡିଶା ଗ୍ରାମ୍ୟ ବ୍ୟାଙ୍କରେ ଭଉଣୀର ସଞ୍ଚୟ ଖାତା ଥିଲା। ସେଥିରେ ନିଜ ବଳଦ ବିକି ପଇସା ରଖିଯାଇଥିଲା ଭଉଣୀ। ସେଇ ଭଉଣୀ ମରିବାର ୩ ମାସ ପରେ ଏବେ ଜିତୁ ଯାଇ ପହଞ୍ଚିଲେ ସେଇ ପଇସା ଉଠେଇବା ପାଇଁ। ବ୍ୟାଙ୍କ ବାବୁ ଅଡ଼ି ବସିଲେ ପଇସା ଉଠେଇବା ପାଇଁ ଖାତାଧାରୀ ନିଜେ ଆସିବାକୁ ହେବ। ଯେ ଯେତେ କାକୁତିମିନତି ହୋଇ ଭଉଣୀ ମରି ଯାଇଛି ବୋଲି କହିଲେ ବି ବ୍ୟାଙ୍କ ବାବୁ ନଛୋଡବନ୍ଧା। ମାଗି ବସିଲେ ମୃତ୍ୟୁର ପ୍ରମାଣ। ଆଦିବାସୀ ଜିତୁ ଥିଲେ ସରଳ ବିଶ୍ୱାସୀ। ଖୋଳି ଆଣିଲେ ନିଜ ଭଉଣୀର ଶବକୁ। ପରଦିନ ବ୍ୟାଙ୍କରେ ଜିତୁଙ୍କ ହାତରେ ଶବ ଦେଖି ବ୍ୟାଙ୍କର ଗ୍ରୀଲରେ ତାଲା ପକେଇଦେଇ ପୋଲିସକୁ ଡକାଗଲା। ପୋଲିସ ଆସି ବୁଝାସୁଝା କରି ଜିତୁଙ୍କୁ ଘରକୁ ଫେରେଇ ଦେଲେ ସିନା, କଥା ଏଇଠି ସରିଗଲା କି ?

ଟିଭି ନ୍ୟୁଜ ମେଡିଆରେ ପରଦିନ ଏ ଖବର ବଣର ନିଆଁ ପରି ବ୍ୟାପିଯିବାରୁ ତହସିଲଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିଜେ ବ୍ୟାଙ୍କ ଅଧିକାରୀ ଯାଇ ଜିତୁଙ୍କ ଘରେ ପହଞ୍ଚି ସୁଧ ସମେତ ସବୁତକ ଟଙ୍କା ଫେରେଇ ଆସିଲେ। ଖାଲି ସେତିକି ନୁହେଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ବି ଦିଆଗଲା। ଜିତୁଙ୍କୁ ମିଳିଲା ବାର୍ଦ୍ଧକ୍ୟ ଭତ୍ତା। ବିଭିନ୍ନ ରାଜନୈତିକ ଦଳ ଓ ବଦାନ୍ୟ ବ୍ୟକ୍ତିବିଶେଷ ମଧ୍ୟ ଦେଲେ କିଛି କିଛି ପଇସା। ଏଯାବତ ୧୨ ଲକ୍ଷରୁ ଅଧିକ ଟଙ୍କା ଜମା ହୋଇସାରିଲାଣି ଜିତୁଙ୍କ ନିକଟରେ। ମାତ୍ର ମୋ ମନରେ ପ୍ରଶ୍ନ, ଏସବୁ ହେବା କଣ ନିହାତି ଜରୁରୀ ଥିଲା ? ବ୍ୟବସ୍ଥା ବିରୋଧରେ ବିଦ୍ରୋହ କରିବାକୁ ଘିନୁଆକୁ ଆଉ କେତେଟା ମୁଣ୍ଡ କାଟିବାକୁ ପଡିବ। ଜିତୁ ମୁଣ୍ଡା କେଇଟା କଙ୍କାଳ ଖୋଳି ଆଣିବ। ଆମେ କ’ଣ ଏତେ ସମ୍ବେଦନାହୀନ, ଏତେ ବେଶୀ ଅମାନବୀୟ ଏବଂ ନିର୍ବିକାର। ବ୍ୟାଙ୍କର ତଦନ୍ତକାରୀ ଅଧିକାରୀ ରିପୋର୍ଟ ଦେଲେଯେ, ଜିତୁ ସେଦିନ ପ୍ରଥମଥର ପାଇଁ ବ୍ୟାଙ୍କକୁ ଆସିଥିଲେ, ସେ ପୁଣି ମଦପିଇ, ପ୍ରବଳ ପାଟିତୁଣ୍ଡ ଓ ଯୁକ୍ତିତର୍କ କରିଥିଲେ। ମାନିନେବା ଏସବୁ ସତ ହେଇଥିବ। ହେଲେ ବ୍ୟାଙ୍କର ଅଧିକାରୀ ତ’ ମଦ ପିଇ ନଥିଲେ। ସେ ଭଲ ଭାବେ ବୁଝେଇ ପାରିଥାନ୍ତେ। ମୃତ୍ୟୁ ପ୍ରମାଣପତ୍ର ଓ ଉତ୍ତରାଧିକାରୀ/ ନୋମିନି କଣ ଏବଂ କେମିତି ସହଜରେ ଜିତୁ ପଇସା ପାଇପାରିବେ, ସେ ବ୍ୟବସ୍ଥା କରିପାରି ଥାଆନ୍ତେ। ହଁ, ନିୟମ ଦୃଷ୍ଟିରୁ ସେ ଯୁକ୍ତିଯୁକ୍ତ କଥା ହିଁ କହିଛନ୍ତି। ସେ ମୃତ୍ୟୁର ପ୍ରମାଣ ଚାହିଁଲେ, ସରଳ ବିଶ୍ୱାସୀ ଜିତୁ ମାଟି ଖୋଳି ଶବ ନେଇ ବ୍ୟାଙ୍କ ଆସିଗଲେ।

ମଲ୍ଲିପଶୀ ଗାଁରୁ ବ୍ୟାଙ୍କ ୪ କିମି ଦୂର। ଜିତୁ ଏପରି ଶବକୁ କାନ୍ଧରେ ପକେଇ ବୋହିଆଣୁଥିବାର କେହି ଦେଖି ପାରିଲେ ନାହିଁ.. ? କେହି ଜଣେ ଅଟକେଇ ପଚାରିଥିଲା କି, ‘ଆରେ ବାବୁ, ଶବଟା ଧରି କୁଆଡେ ଯାଉଛୁ.. ?‘ ଓଲଟି ସଭିଁଏ ଫଟୋ ଉଠେଇଲେ, ମୋବାଇଲରେ ଭିଡିଓ ବନେଇଲେ। ଏ ଆମର କି ପ୍ରକାର କୁତ୍ସିତ ମାନସିକତା.. ? ଆମେ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବା କଥା କହୁଛୁ। ଆମେ ଆର୍ଥିକ ସାକ୍ଷରତାର କଥା କହୁଛୁ। ଏ ସବୁ କଣ କେବଳ କାଗଜ କଲମରେ ସୀମିତ.. ? ଆଜି ଗୋଟିଏ ଜିତୁ ମୁଣ୍ଡା କଥା ସାମ୍ନାକୁ ଆସିଛି, କାଲି ଯେ, ଆଉ ୧୦ଟା ଜିତୁ ମୁଣ୍ଡା ପରି ଘଟଣା ନଘଟିବ ତାର ପକ୍କା ଗ୍ୟାରେଣ୍ଟୀ କେହି ଦେଇ ପାରିବ କି ? ଆମେ ଲୋକାଭିମୁଖୀ ସରକାରର କଥା କହୁଛୁ, କିନ୍ତୁ ଏପରି ସମ୍ବେଦନହୀନ ଘଟଣା ମାନଙ୍କର ପୁନରାବୃତ୍ତି ଘଟୁଛି କାହିଁକି ?

ଏସବୁ ଘଟଣା ଘଟିଲେ, ଦିନାକେତେ ତୁମ୍ବିତୋଫାନ ହେବ। ଖବରକାଗଜର ପ୍ରଚ୍ଛଦପୃଷ୍ଠାରେ ଫଟୋ ଛପିବ, ଟିଭିରେ ପ୍ରାଇମ ଟାଇମ ନ୍ୟୁଜ ବାଜିବ। ଧୀରେ ଧୀରେ ଏ ଖବର ଲୁଚିଯିବ ଏବଂ ସଭିଁଏ ଭୁଲିଯିବେ ଏ ଘଟଣାକୁ। ବର୍ଷ କେଇଟା ତଳେ ଦାନ ମାଝୀର କାହାଣୀ ସାମ୍ନାକୁ ଆସିଥିଲା, ଯିଏ ଭବାନୀପାଟଣାର ଡାକ୍ତରଖାନାରୁ ନିଜ ସ୍ତ୍ରୀର ଶବକୁ କାନ୍ଧରେ ପକେଇ ନିଜ ଝିଅ ସହ ରାସ୍ତାରେ ଚାଲି ଚାଲି ଘରକୁ ଫେରୁଥିଲା। କିଛିଦିନ ପରେ ଦାନ ମାଝୀର ନାମ ବି ଲୁଚିଗଲା। ପୁଣି ଏବେ ଜିତୁ ମୁଣ୍ଡା। ଏଠି ଫାନସ ପୁଞ୍ଜି ପରି ମହିଳା ନିଜ କୁନି ନଣନ୍ଦକୁ ବିକ୍ରୀ କରିଦିଏ ଭୋକ ବିକଳରେ। ଏଠି ନଗଡାରେ ଶିଶୁମୃତ୍ୟୁ ଘଟେ। ଏଠି ନିୟମଗିରି ଓ ସିଜିମାଳୀ ବି ଦିନାକେତେ ଖବରକାଗଜର ଶୀରୋନାମା ପାଲଟେ। ତାପରେ ସବୁ ଚୁପ। ସମସ୍ତେ ଭୁଲିଯାଆନ୍ତି ଏସବୁ ଅମାନବୀୟ କାଣ୍ଡକୁ..!!

ଗତବର୍ଷ ସମ୍ବଲପୁରର ଦମ୍ପତ୍ତି ଚିକିତ୍ସା ପାଇଁ କଟକ ଆସିବାକୁ ଆମ୍ବୁଲାନ୍ସ ନମିଳିବାରୁ ଟ୍ରଲିଟେ କରି ଆସିଥିଲେ ୩୦୦ କିମି ବାଟ। ବଡ଼ ଡାକ୍ତରଖାନାରେ ଚିକିତ୍ସାପରେ ପୁଣି ଟ୍ରଲିରେ ଫେରିଲା ବେଳେ ଟାଙ୍ଗି ପାଖରେ ଦୁର୍ଘଟଣା ଘଟି ପୁଣି ଡାକ୍ତରଖାନାରେ ଭର୍ତ୍ତି ହେଲାପରେ ସେ ଘଟଣା ସାମ୍ନାକୁ ଆସିଥିଲା। ଆମ ସମାଜ କଣ ସତରେ ଏତେ ତଳକୁ ଖସିଗଲାଣି ? ଏଠି ଲୋକଟେ ବୁଡ଼ିଯାଉଥିଲେ ତାକୁ ଉଠେଇବାକୁ କେହିବି ହାତ ବଢାନ୍ତିନି ବରଂ ଫଟୋ ଉଠେ ଖଚାଖଚ, ଭିଡ଼ିଓ ଓ ସେଲଫି ବି ନିଆହୁଏ। ଘର ପୋଡ଼ି ଯାଉଥିଲେ ପାଣି ବାଲଟିଏ ନଢାଳି ଏଠି ଘରପୋଡ଼ି ଉପରେ ଭ୍ଲଗ ବନା ହୁଏ କ୍ୟାମେରା ଧରି। ଏମିତି ପଚାସଢା ମାନସିକତା ଆମ ସମାଜର। ଏଠି ଖବର ପାଲଟିଲେ ଚେତା ପଶେ... ଯେଉଁ ନିୟମରେ କାମ ଅଟକିଥାଏ ସେ ନିୟମ ବି ପାଲଟିଯାଏ ଗଳାବାଟ। ସେଦିନ ମୃତ୍ୟୁର ପ୍ରମାଣ ପତ୍ର ମାଗୁଥିବା ବ୍ୟାଙ୍କ ବାବୁ ଏବଂ ଡାକ୍ତରଖାନାରେ ବାରମ୍ବାର ଦୌଡାଉଥିବା ଡାକ୍ତର ମାନେ କେମିତି ଗୋଟିଏ ଦିନରେ ଏହି ପ୍ରମାଣପତ୍ର ଦେଇଦେଲେ, ବ୍ୟାଙ୍କ ମଧ୍ୟ ଘରେ ଯାଇ ପଇସା ଦେଇ ଆସିଲେ..!!

ସାଧାରଣ (ଚର୍ଚ୍ଚିତ ହୋଇନଥିବା) ଲୋକଟିଏ ହୋଇଥିଲେ, ସମସ୍ତେ ଏତେ ତତ୍ପରତା ଦେଖେଇଥାନ୍ତେ କି ? ଅପର ପକ୍ଷେ ଜିତୁ ମୁଣ୍ଡା ପରି ସରଳ ଗାଉଁଲି ଆସିବାସୀଟେ ନହୋଇ ଜଣେ ସମ୍ଭ୍ରାନ୍ତ ଉଚ୍ଚବର୍ଗର ଭଦ୍ର ବ୍ୟକ୍ତି ହୋଇଥିଲେ ତାଙ୍କ ସହ ଏପରି ଅମାନବୀୟ ବ୍ୟବହାର କରିବାକୁ ସାହସ ଜୁଟେଇ ପାରିଥାନ୍ତେ କି ବ୍ୟାଙ୍କ ଅଧିକାରୀ.. ? ଆମ ସରକାରୀ ବାବୁ ମାନେ ଶୀତତାପ ନିୟନ୍ତ୍ରୀତ କୋଠରୀରେ ବସି ଫାଇଲ ଚାଷରେ ଏତେ ବ୍ୟସ୍ତ ଯେ, କାର୍ଯ୍ୟାଳୟକୁ ଆସିଥିବା ଲୋକଟେର ଦୁଃଖ ଶୁଣିବାକୁ ନାରାଜ। ଏଇ ଓଡିଶାରେ ବି ଏମିତି ଜିଲ୍ଲାପାଳ ଅଛନ୍ତି, ଯିଏ ଜନଶୁଣାଣୀରେ ଆସିଥିବା ସାଧାରଣ ଗାଉଁଲି ବୁଢୀ ମା’ଟେ କୁ ମଧ୍ୟ ଶ୍ରଦ୍ଧାର ସହ ଚେୟାରରେ ବସାନ୍ତି। ପୁଣି ଏମିତିବି ଅଧିକାରୀ ମୁଁ ଦେଖିଛି ଯିଏ ସରକାରୀ ଗାଡିରୁ ଓହ୍ଲେଇ ରାସ୍ତାକଡ଼ର ପିଲାଙ୍କ ସହ କ୍ରିକେଟ ଖେଳି ପାରନ୍ତି ଏବଂ ହସିହସି ସମସ୍ତଙ୍କ ସହ ପଦେଅଧେ କଥା ହୁଅନ୍ତି।

ପୁଣି ଏଇଠିବି ଅଧିକାରୀ ଅଛନ୍ତି ଯିଏ ବର୍ଷ ବର୍ଷ ଧରି ଅଫିସରୁ ବାହାରକୁ ଗୋଡ କାଢନ୍ତିନି। ବାଧ ହୋଇ ତାଙ୍କୁ ଅଫିସରୁ ଡାକିଆଣି ଆଣ୍ଠୁଏ କାଦୁଅରେ ଚଲେଇ ଚଲେଇ ନେବାକୁ ପଡେ, ବର୍ଷା ଦିନର ରାସ୍ତା କଷ୍ଟ ବୁଝେଇବା ପାଇଁ। ଏମିତି ଘଟଣା ଖୋର୍ଦ୍ଧାର ଭଗବତୀପଦା ଓ ମୟୂରଭଞ୍ଜର କପ୍ତିପଦା ବ୍ଲକ ନୁଆସାହିରେ ଘଟି ସାରିଛି। ସରକାରୀ ଅଧିକାରୀମାନେ ଏତେବେଶୀ ସମ୍ବେଦନାହୀନ କିପରି ହୋଇପାରନ୍ତି..? ଆପଣଙ୍କର ମନେଥିବ, କିଛି ବର୍ଷତଳେ ମଧ୍ୟପ୍ରଦେଶର ଇନ୍ଦୋର ଠାରେ ଜଣେ ବ୍ୟକ୍ତି ମୁନିସିପାଲିଟୀର ଇଞ୍ଜିନିୟରଙ୍କୁ କ୍ରିକେଟ ବ୍ୟାଟରେ ବାଡ଼େଇଥିଲେ। ତାଙ୍କୁ ଅଯଥା ହଇରାଣ କରାଯାଉଥିବାରୁ ସେ ଏମିତି ପଦକ୍ଷେପ ନେଇଥିଲେ ଏବଂ ନିଜ ପ୍ରତିକ୍ରିୟାରେ କହିଥିଲେ ‘ପ୍ରଥମେ ଆବେଦନ (ଲିଖିତ ଅନୁରୋଧ), ତା’ପରେ ନିବେଦନ (ଅନୁନୟ ବିନୟ), ତଥାପି ଯଦି କାମ ନହେଲା, ଶେଷରେ ଦନାଦନ (ମାଡ)। ଯେ ଯୁକ୍ତି ମଧ୍ୟ ଅକାଟ୍ୟ। ଏଣୁ ସାରକଥା ଏୟା ଯେ, ପ୍ରଶାସନକୁ ଲୋକାଭିମୁଖୀ ହେବାକୁ ହେଲେ ସମାଜର ଏକଦମ ତଳସ୍ତରର ଲୋକଟିଏ ପ୍ରତି ମଧ୍ୟ ସମ୍ବେଦନଶୀଳ ବ୍ୟବହାର କରିବାକୁ ହେବ, ନହେଲେ ଜନତା ଜାଗିଲେଣି। ମାଡ଼ ବସିବାକୁ ଡେରି ନାହିଁ। ନାଁ କଣ କହୁଛନ୍ତି...!!

ଛାଇ, ଜଗନ୍ନାଥ ବିହାର
ଭଦ୍ରକ, ମୋ-୭୦୦୮୬୦୧୧୬୧

ଫ୍ୟାସନ୍

# ଆଇସ୍ ଫେସିୟାଲ୍ ଟିପ୍ସ

ଗ୍ରୀଷ୍ମ ଋତୁରେ ସୂର୍ଯ୍ୟକିରଣ, ଝାଳ ଏବଂ ଅଏଲ୍ ହେତୁ ସ୍କିନ୍ ଦୁର୍ବଳ ଏବଂ କ୍ଲାନ୍ତ ଦେଖାଯାଏ। ଏପରିସ୍ଥିତିରେ ଅନେକ ମହିଳା ଦ୍ୱାରାରେ ତୁରନ୍ତ ଥଣ୍ଡା ପାଇବା ପାଇଁ ବରଫ ବ୍ୟବହାର କରିଥାନ୍ତି। ବରଫ ଲଗାଇବା ଦ୍ୱାରା ସ୍କିନ୍ ଥଣ୍ଡା ରହିଥାଏ, ପୋରସ୍ ଟାଇଟ ହୁଏ ଏବଂ ଫୁଲା ମଧ କମିଯାଏ। କିନ୍ତୁ ବରଫକୁ ସିଧାସଳଖ ପ୍ରୟୋଗ କରିବା ଦ୍ୱାରା ତ୍ୱଚା ନଷ୍ଟ ହୋଇପାରେ। ତେଣୁ ଏହାକୁ ଏକ କପଡ଼ାରେ ଗୁଡ଼ାଇ ବ୍ୟବହାର କରିବା ଉଚିତ୍। ଏହାକୁ ଆଇସ୍ ଫେସିୟାଲ୍ ମଧ କୁହାଯାଏ। ଆସନ୍ତୁ ଏହି ଗ୍ରୀଷ୍ମ ଋତୁ ସମୟରେ ଆଇସ୍ ଫେସିୟଲ୍ ବିଷୟରେ କିଛି ଟିପ୍ସ ଜାଣିବା।

## ତ୍ୱଚାରେ ବରଫ ଲଗାଇବାର ଫାଇଦା



ଗ୍ରୀଷ୍ମ ଋତୁରେ ମୁହଁରେ ବରଫ ଘଷିଲେ ସ୍କିନ୍ ତତ୍‌କ୍ଷଣାତ୍ ଥଣ୍ଡା ଏବଂ ଫ୍ରେଶ୍‌ନେସ୍ କରିଥାଏ। ଏହା ଝାଳକୁ ହ୍ରାସ କରିବା ସହ ରୋଶେଜ୍‌ରୁ ମୁକ୍ତି ଦେଇଥାଏ। ସାଧାରଣତଃ ମହିଳାମାନେ ଗ୍ରୀଷ୍ମ ଋତୁରେ ବରଫା ଲଗାଇଲେ ତ୍ୱଚାକୁ ସତେଜ ଅନୁଭବ କରିଥାନ୍ତି।

- ବରଫ ଚର୍ମର ପୋରସ୍‌କୁ ସଙ୍କୁଚିତ କରିବାରେ ସାହାଯ୍ୟ କରିବା ସହ ସ୍କିନ୍‌କୁ ସ୍ମୁଥ୍ ମଧ କରେ।
- ସାଧାରଣତଃ ସକାଳେ ଆଖି ତଳ ଫୁଲିଯାଏ ସେଥିପାଇଁ ବରଫ ବହୁତ ପ୍ରଭାବଶାଳୀ। ବରଫ ବ୍ୟବହାର କଲେ ଫୁଲା କମିଯାଏ ଏବଂ ତ୍ୱଚା ଚମକ ବଢ଼ିଥାଏ।



- ଚେହେରାରେ ଆଇସ୍ ଫେସିୟାଲ୍ କଲେ ରକ୍ତ ସଞ୍ଚାଳନକୁ ଉନ୍ନତ କରିଥାଏ ଏବଂ ଚର୍ମକୁ ପ୍ରାକୃତିକ ଗ୍ଲୋ ଆଣିଥାଏ। ଏହା ଫଳରେ ତ୍ୱଚାର ଉଜ୍ଜ୍ୱଳତାକୁ ମଧ ବୃଦ୍ଧି କରେ।
- ଅଏଲ୍ ସ୍କିନ୍ ଥିବା ମହିଳାମାନଙ୍କ ପାଇଁ ଏହା ବିଶେଷ ଲାଭଦାୟକ। ଯଦି ଆପଣଙ୍କ ଚେହେରାରେ ଅଧିକ ଅଏଲ୍ ଥାଏ ତେବେ ଆଇସ୍ ଫେସିୟାଲ୍ କରିବା ଉଚିତ୍। ଏହା କରିବା ଦ୍ୱାରା ତ୍ୱାଚାରୁ ଅଏଲ୍ ଏବଂ ଝାଳର ନିୟନ୍ତ୍ରଣ ହୋଇଥାଏ। ଏହି ଦିନରେ ୧ରୁ୨ ଥର ମୁହଁରେ ବରଫ ଲଗାନ୍ତୁ। ତ୍ୱଚାରେ ବରଫକୁ ଗୋଲାକାର ଭାବେ ହାଲୁକା ମସାଜ୍ କରନ୍ତୁ। ଯେମିତିକି ଗାଲ, ମଥା, ଜଲାଇନ୍ ଏବଂ ଆଖି ତଳ ଭାଗରେ ଲଗାଇବେ। ମେକ୍‌ଅପ୍ ନେବା ପୂର୍ବରୁ ଭଲ ଭାବେ ମୁହଁରେ ବରଫକୁ ମସାଜ୍ କରି ସାରିବା ପରେ ମେକ୍‌ଅପ୍ ନୁଅନ୍ତୁ। କାରଣ ମେକ୍‌ଅପ୍ ଭଲ ଟଚ୍ ନେବା ସହିତ ଅଧିକ ସମୟ ପର୍ଯ୍ୟନ୍ତ ତ୍ୱଚାରେ ରୁହେ।

ରୋଷେଇ ଘରୁ

# ମଟନ୍ ପେପର ଫ୍ରାଏ

**ଆବଶ୍ୟକ ସାମଗ୍ରୀ:** ମଟନ୍-୧କିଲୋ, ଗୋଟା ମସଲା-(ଗୋଲମରିଚ ୨ଚାମଚ, ପାନମଧୁରୀ ୧ଚାମଚ, ଜିରା ୧ଚାମଚ, ଧନିଆ ୧ଚାମଚ, ଶୁଖିଲା ଲଙ୍କା-୨ଟା), ଭୁର୍ସୁଙ୍ଗ ପତ୍ର, କଞ୍ଚାଲଙ୍କା-୩ଟା, ରସୁଣ- ୮ରୁ୧୦ କଲି, ଅଦା ରସୁଣ ପେଷ୍ଟ, ପିଆଜ-୪ଟା, ତେଲ, ହଳଦୀ ପାଉଡ଼ର, ଗରମ ମସଲା, ଘିଅ, ଲେମ୍ବୁ ରସ, କଟା ଧନିଆପତ୍ର, ସ୍ୱାଦ ଅନୁଯାୟୀ ଲୁଣ ନେବେ।

**ପ୍ରଣାଳୀ:** **ପ୍ରଥମେ** ପେପର ମସଲା ପାଇଁ ଗୋଲମରିଚ, ପାନମଧୁରୀ, ଜିରା, ଧନିଆ, ଶୁଖିଲା ଲଙ୍କାକୁ ହାଲୁକା ଭାବେ ଭାଜି ଗ୍ରାଇଣ୍ଡିଂ କରନ୍ତୁ। ପ୍ରେସର୍ କୁକରରେ ତେଲ ଗରମ ହେଲା ପରେ ଏଥିରେ ପାନମଧୁରୀ, ଜିରା, ରସୁଣ, ଭୁର୍ସୁଙ୍ଗପତ୍ର ଓ ପିଆଜ ଦେଇ ଭାଜିବେ। ପିଆଜର କଲର୍ ବ୍ରାଉନ୍ ହୋଇ ଆସିଲେ ସେଥିରେ ମଟନ୍, ଅଦା-ରସୁଣ-କଞ୍ଚାଲଙ୍କା ପେଷ୍ଟ, ହଳଦୀ ପାଉଡ଼ର, ଗରମ ମସଲା, ଲୁଣ ପକାଇ ୫ରୁ୬ ମିନିଟ୍ ପାଇଁ ଗୋଳାନ୍ତୁ। ଏଥିରେ ଗରମ ପାଣି ୨କପ୍ ଦେଇ ୩ରୁ୪ଟି ସିଟି ଦେବେ। ସିଟି ଦେବା ପରେ ପ୍ରେସର୍ କୁକରକୁ ଖୋଲି ଏଥିରେ ଗ୍ରାଇଣ୍ଡିଂ କରି ରଖିଥିବା ପେପର୍ ମସଲା, ଭୁର୍ସୁଙ୍ଗପତ୍ର, କଞ୍ଚାଲଙ୍କା ଦେଇ ଏହାକୁ ଫ୍ରାଏ ହେବା ପର୍ଯ୍ୟନ୍ତ କଷନ୍ତୁ। ସେଥିରେ ଘିଅ, କଟା ଧନିଆପତ୍ର ଓ ଲେମ୍ବୁରସ ଦେଇ ଏହାକୁ ମିକ୍ସ କରିନେବେ। ଏହାକୁ ଭାତ, ରୁଟି, ନାନ୍ ବା ପରଟା ସହିତ ଖାଇପାରିବେ।



# ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍: ୯୭୭୭୨୫୨୨୪୦

**ମେଷ**
ସପ୍ତାହଟି କର୍ମକ୍ଷେତ୍ରରେ ଅବହେଳା ଦେଖାଦେବ ନୈରାଶ୍ୟତା କିନ୍ତୁ ଶରୀର ସୁସ୍ଥତା ରହିବ। ପ୍ରତିଶ୍ରୁତି ବିବାଦରେ ପରିଣିତ ହେବ ଆୟ ମଧ୍ୟମ ମାତ୍ର ବ୍ୟୟ ବୃଦ୍ଧି ଯୋଗ ପାରିବାରିକ ଜୀବନ ହର୍ଷ ଓ ବିଷାଦରେ କଟିବ। ପ୍ରତିକାର-ପ୍ରତିଦିନ ପିତାମାତାଙ୍କୁ ପ୍ରଣାମ କରଣୀୟ।

**ବୃଷ**
ସପ୍ତାହଟି ସବୁକ୍ଷେତ୍ରରେ ସଫଳ ହେବେ। ଅର୍ଥ ଓ ଦ୍ରବ୍ୟ ଲାଭଯୋଗ ରହିଛି। ପ୍ରତିଯୋଗିତାରେ ବିଜୟୀ ହେବେ। ପାରିବାରିକ ଜୀବନ ପ୍ରାଚୁର୍ଯ୍ୟପୂର୍ଣ୍ଣ ଅଟେ ଚାକିରିରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ । ପ୍ରତିକାର-ଗୁରୁବାର ଦିନ ମା' ଲକ୍ଷ୍ମୀଙ୍କୁ ପୂଜା କରଣୀୟ।

**ମିଥୁନ**
ସପ୍ତାହଟି ଫଳ ଶୁଭ ନୁହେଁ ଅସ୍ଥିରତା କର୍ମକ୍ଷେତ୍ରରେ ବାଧା ଓ ପ୍ରତିବନ୍ଧକ ଦେଖାଦେବ। କଳହରେ ଜଡ଼ିତ ହୋଇପାରନ୍ତି। ଚୋର ଭୟର ଆଶଙ୍କା କରାଯାଏ। ପତ୍ନୀସୁଖରୁ ବଞ୍ଚିତ ହେବେ। ପ୍ରତିକାର-ପ୍ରତିଦିନ ଗଣେଶଙ୍କୁ ପୂଜା କରଣୀୟ।

**କର୍କଟ**
ସପ୍ତାହଟି ଆକାଶଛୁଆଁ ଖର୍ଚ୍ଚ ହେବ। କର୍ମକ୍ଷେତ୍ରରେ ଅସହଯୋଗ, ପ୍ରତାରିତ, ଆୟ ମଧ୍ୟମ ଅଟେ। ପାରିବାରିକ ଅସନ୍ତୋଷ ଓ ଚାକିରିରେ ଅସ୍ଥିରତା ଲାଗି ରହିବ। ବ୍ୟବସାୟ ମାନ୍ଦାରେ ଚାଲିବ। ପଢ଼ାପଢ଼ିରେ ଅଶାନ୍ତି ବଢ଼ିବ । ପ୍ରତିକାର-ଦ୍ୱିତୀୟାଦିନ ଚନ୍ଦ୍ର ପୂଜା କରଣୀୟ।

**ସିଂହ**
ସପ୍ତାହଟି ଆପଣଙ୍କର ଦେହ ଓ ମନ ଆଦୌ ଭଲ ରହିବ ନାହିଁ । ବ୍ୟୟର ସ୍ରୋତ ବଢ଼ି ଚାଲିବ । କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେବ ବନ୍ଧନ ଯୋଗ, ପାରିବାରିକ ଚିନ୍ତାବୃଦ୍ଧି ହେବ। ଚାକିରିରେ ସ୍ଥାନାନ୍ତର ହୋଇପାରନ୍ତି। ପ୍ରତିକାର-ରବିବାର ଦିନ ବେଲ ଗଛମୂଳେ ଜଳ ଦାନ କରନ୍ତୁ।

**କନ୍ୟା**
ସପ୍ତାହଟି ଆୟ ଉତ୍ତମ ହେବ। କର୍ମକ୍ଷେତ୍ରରେ ସଫଳତା ପାଇବେ। ଶତ୍ରୁମାନେ ପରାଜିତ ହେବେ। ଭ୍ରମଣରେ ଲାଭବାନ ଓ ପାରିବାରିକ ଜୀବନ ଉତ୍ସବ ମୁଖରିତ ହେବ। ବିଦ୍ୟାର୍ଥୀମାନଙ୍କର ପଢ଼ାପଢ଼ିରେ ଶୁଭ ହେବ। ପ୍ରତିକାର-ବୁଧବାର ଦିନ ଗଣେଶ ଭଗବାନଙ୍କୁ ପୂଜା କରନ୍ତୁ।

**ତୁଳା**
ସପ୍ତାହଟି ଫଳ ଶୁଭ ନୁହେଁ ସର୍ବଦା ଅସ୍ଥିର ରହିବେ। କର୍ମକ୍ଷେତ୍ରରେ ବ୍ୟଗ୍ରତା ବୃଦ୍ଧି, ପଥଭ୍ରଷ୍ଟ ହୋଇପାରନ୍ତି। ପାରିବାରିକ ବିଦ୍ରୋହ, ଚାକିରିରେ ସ୍ଥାନାନ୍ତରିତ, ବ୍ୟବସାୟରେ ସ୍ୱଳ୍ପ ଲାଭ ହେବ। ପ୍ରତିକାର-ସବୁଦିନ ଲକ୍ଷ୍ମୀ ମା'ଙ୍କୁ ପୂଜା କରଣୀୟ।

**ବିଛା**
ସପ୍ତାହଟିରେ ବହୁଦିନର ଶତ୍ରୁ ପରାଜିତ ହେବେ। କର୍ମକ୍ଷେତ୍ରରେ ସମ୍ମାନ ମିଳିବ। ଆୟ ଅବ୍ୟାହିତ ରହିବ। ନେତୃତ୍ୱ ପ୍ରାପ୍ତି ଯୋଗ, ପାରିବାରିକ ସୁଖୀ ହେବେ। ଭୂ-ସମ୍ପଦ ଲାଭ, ବ୍ୟବସାୟରେ ଲାଭ, ଦୂରଯାତ୍ରାରେ ସଫଳ ହେବ। ପ୍ରତିକାର-ମଙ୍ଗଳବାର ଦିନ ନାଗାର୍ଜ୍ଜୁନ ଗଛରେ ଜଳଦାନ କରଣୀୟ।

**ଧନୁ**
ସପ୍ତାହଟି ଶତ୍ରୁହାନି ଓ ସାଫଲ୍ୟତା ଯୋଗ । କର୍ମକ୍ଷେତ୍ରରେ ସମ୍ମାନିତ, ଦୌରାତ୍ମିକ ଧନ୍ଦାରେ ନିଯୁକ୍ତ ରହିବେ। ରାଜନୈତିକ ସାହାଯ୍ୟ ପ୍ରାପ୍ତି, ପାରିବାରିକ ସୁଖ। ବ୍ୟବସାୟ ଲାଭ ଦାୟକ ହେବ ଓ ଶିକ୍ଷାରେ ଆଗେଇବେ। ପ୍ରତିକାର-ଗୁରୁବାର ଦିନ ଦେବଗୁରୁ ବୃହସ୍ପତୀଙ୍କୁ ପୂଜା କରଣୀୟ।

**ମକର**
ସପ୍ତାହଟି କର୍ତ୍ତବ୍ୟରେ ଆଗେଇବେ, ଶିକ୍ଷାରେ ଅଗ୍ରଗତି ଘଟିବ, ଆୟମଧ୍ୟମ ଅଟେ। ପ୍ରତିଯୋଗିତାରେ ସଫଳ ହେବେ। ବନ୍ଧୁ ଲାଭ ଯୋଗ ରହିଛି। ପାରିବାରିକ ସୁଖ ପାଇବେ, ଚାକିରିରେ ପଦମର୍ଯ୍ୟାଦା ଲାଭ ହେବ। ପ୍ରତିକାର-ଶନିବାର ଦିନ ଶନିଦେବଙ୍କୁ ପୂଜା କରଣୀୟ।

**କୁମ୍ଭ**
ସପ୍ତାହଟି ଶରୀର ଓ ମନ ଭଲ ରହିବ। କର୍ମକ୍ଷେତ୍ରରେ ସାଫଲ୍ୟତା, ଆୟ ଉତ୍ତମ, ଭୂମିଲାଭ ଓ ଘର ତିଆରି କାମରେ ଆଗେଇବେ। ଚାକିରିରେ ଆଧିପତ୍ୟ ବଢ଼ିବ ବିଦ୍ୟାର୍ଥୀମାନେ ପଢ଼ାପଢ଼ି ଓ ପରୀକ୍ଷାରେ ଆଗୁଆ ହେବେ। ପ୍ରତିକାର-ହନୁମାନ ଚାଳିଶା ପାଠ କରଣୀୟ।

**ମୀନ**
ସପ୍ତାହଟି ମଧ୍ୟମ ଫଳଦାୟକ ହେବ। ଦେହ ସୁସ୍ଥ ରହିବ। କର୍ମକ୍ଷେତ୍ରରେ ସଫଳତା, ଆର୍ଥିକ ସ୍ଥିତି ଭଲ ରହିବ ନାହିଁ। ନିର୍ଧାର୍ଯ୍ୟ କାର୍ଯ୍ୟରେ ଆଗେଇବେ, ଶିକ୍ଷା କ୍ଷେତ୍ରରେ ମଧ୍ୟ ଆଗେଇବେ। ପାରିବାରିକ ସୁଖ, ବ୍ୟବସାୟ ବୃଦ୍ଧି ଓ ଲାଭବାନ ହେବେ। ପ୍ରତିକାର-ସବୁଦିନ ତୁଳସୀ ଚଉରା ମୂଳେ ଜଳ ଅର୍ପଣ କରଣୀୟ।




# ମିନାକ୍ଷୀ ଦେବୀ ମନ୍ଦିର

ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

**ପବିତ୍ର ରାମେଶ୍ୱର ଧାମ ଓ ରାମନାଥସ୍ୱାମୀ ଲିଙ୍ଗଙ୍କୁ ଦର୍ଶନ କରିବା ପରେ ମିନାକ୍ଷୀ ଦେବୀଙ୍କୁ ଦର୍ଶନ କରିବା ପାଇଁ ସମସ୍ତେ ଇଚ୍ଛା ପ୍ରକାଶ କରିଥାନ୍ତି। ରାମେଶ୍ୱରମ୍ ଠାରୁ ମଦୁରାଇର ଦୂରତା ୧୭୦ କି.ମି.। ତିନି ଘଣ୍ଟାର ବାଟ। ଏହା ତାମିଲନାଡୁ ରାଜ୍ୟର ଦ୍ୱିତୀୟ ବୃହତ୍ତମ ସହର। ଏଠାରେ ମାତା ପାର୍ବତୀ ମିନାକ୍ଷୀ ରୂପରେ ଓ ଭଗବାନ ଶିବ ସୁନ୍ଦରେଶ୍ୱର ନାମରେ ପୂଜା ପାଆନ୍ତି। ସହରର ମଧ୍ୟ ଭାଗରେ ଅବସ୍ଥିତ ମାତା ମିନାକ୍ଷୀ ଏବଂ ସୁନ୍ଦରେଶ୍ୱରଙ୍କ ମନ୍ଦିର ସୁନ୍ଦର କାରୁକାର୍ଯ୍ୟରେ ଭରା ଦୁଇଟି ବିଶାଳ ମନ୍ଦିର। ପ୍ରତିଦିନ ହଜାର ହଜାର ଯାତ୍ରୀ ଏହି ମନ୍ଦିର ତଥା ମନ୍ଦିର ପରିସରରେ ଥିବା ଅନ୍ୟାନ୍ୟ ମନ୍ଦିର, ଗୋପୁରମ୍ ଏବଂ ସ୍ତମ୍ଭମାନଙ୍କର ସୁଶୋଭିତ କଳାଭାସ୍କର୍ଯ୍ୟ ଦର୍ଶନ କରି ଆଶ୍ଚର୍ଯ୍ୟ ପ୍ରକଟ କରନ୍ତି।**

ମିନାକ୍ଷୀ ମନ୍ଦିର ଭାରତର ବହୁ ପୁରାତନ ମନ୍ଦିର ମାନଙ୍କ ଭିତରୁ ଅନ୍ୟତମ। ଏହି ମନ୍ଦିର ବେଢ଼ାର ଲମ୍ବ ୮୪୭ ଫୁଟ ଓ ପ୍ରସ୍ଥ ୭୨୯ ଫୁଟ। ମନ୍ଦିର ବେଢ଼ାର ଚତୁର୍ପାର୍ଶ୍ୱରେ ଚାରୋଟି ବିଶାଳକାୟ ପ୍ରବେଶ ଦ୍ୱାର ରହିଛି। ପ୍ରତ୍ୟେକର ହାରାହାରି ଉଚ୍ଚତା ୧୭୦ଫୁଟ। ପ୍ରତ୍ୟେକ ପ୍ରବେଶ ଦ୍ୱାର ଦେହରେ ହଜାରରୁ ଅଧିକ ଦେବାଦେବୀ, ମୁନିଋଷି, ଗୋମାତା, ହାତୀ, ଘୋଡ଼ା ଓ ପଶୁପକ୍ଷୀଙ୍କର ସୁନ୍ଦର ରଙ୍ଗବେରଙ୍ଗ ମୂର୍ତ୍ତିମାନ ସୁସଜ୍ଜିତ ହୋଇ ସ୍ଥାପନ କରାଯାଇଛି। ସମଗ୍ର ପ୍ରବେଶ ଦ୍ୱାର, ଗୋପୁରମ୍ ଓ ମନ୍ଦିରମାନଙ୍କରେ ଏହିପରି ୩୩୦୦୦ ମୂର୍ତ୍ତି ଶୋଭା ପାଉଛି। ମନ୍ଦିର ମଧ୍ୟରେ ବାରଟି ମଣ୍ଡପ ବା ଗୋପୁରମ୍ ବିଦ୍ୟମାନ। ପ୍ରତ୍ୟେକ ଗୋପୁରମ୍ ୫୦ ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ ପିରାମିଡ଼ ଆକାରରେ ନିର୍ମିତ। ପୁରାଣ ଯୁଗରେ ଦେବରାଜ ଇନ୍ଦ୍ର ବହ୍ମହତ୍ୟା ପାପରୁ ମୁକ୍ତି ପାଇବା ପାଇଁ ଘୋର ତପସ୍ୟା କରିବାକୁ ଏହି ସ୍ଥାନରେ ଆସି ପହଞ୍ଚିଥିଲେ। ସେତେବେଳେ ଏଠାରେ ଘଞ୍ଚ ଜଙ୍ଗଲ ଥିଲା। ଏହି ଜଙ୍ଗଲରେ ଅନେକ କଦମ୍ବଗଛ ଥିଲା। ଇନ୍ଦ୍ର ଗୋଟିଏ କଦମ୍ବ ବୃକ୍ଷ ମୂଳରେ ସ୍ୱୟଂ ଭୂ-ଲିଙ୍ଗଙ୍କୁ ଦର୍ଶନ କଲେ। ସେ ଏଠାରେ ଘୋର ତପସ୍ୟା କରି ଶାପ ମୁକ୍ତ ହେଲେ। ଏଠାରେ ଥିବା ଏକ ପୋଖରୀରୁ ପ୍ରତିଦିନ ସୁବର୍ଣ୍ଣ ପଦ୍ମତୋଳି ସେ ଶିବଙ୍କୁ ଅର୍ପଣ କରୁଥିଲେ। ଶାସ୍ତ୍ରରେ ଅଛି ଶିବ ନିଜ ତ୍ରିଶୂଳ ନିକ୍ଷେପ କରି ଏଠାରୁ ପାଣି ବାହାର କରିଥିଲେ। ବିଶ୍ୱାସ କରାଯାଏ ଯେ ଦେବରାଜ ଇନ୍ଦ୍ର ଏହି ପୋଖରୀରୁ ସୁବର୍ଣ୍ଣ ପଦ୍ମ ନେଇ ଶିବଙ୍କୁ ପୂଜା କରୁଥିଲେ। ଏହି ସୁବର୍ଣ୍ଣ ପୋଖରୀର ଚତୁର୍ପାର୍ଶ୍ୱ ବିଶାଳ ପ୍ରାଚୀର ମାନଙ୍କ ଦ୍ୱାରା ପରିବେଷ୍ଟିତ। ଏହି ପ୍ରାଚୀର କାନ୍ଥମାନଙ୍କରେ ପୁରାଣ, ଇତିହାସରୁ ବିଭିନ୍ନ ଘଟଣାମାନ ଚିତ୍ରିତ କରାଯାଇଛି ଓ ପ୍ରାଚୀରରେ ଥିବା ମାର୍ବଲ ପ୍ରସ୍ତର ମାନଙ୍କରେ ପ୍ରାଚୀନ ଗ୍ରନ୍ଥମାନଙ୍କରୁ କବିତା, ଶ୍ଳୋକ, ସ୍ତୋତ୍ର ଓ ଦେବାଦେବୀଙ୍କର ବନ୍ଦନାମାନ ଖୋଦେଇ କରାଯାଇ ଲେଖା ଯାଇଛି। ସୁବର୍ଣ୍ଣ ପଦ୍ମପୋଖରୀ ଦର୍ଶନ କରି ମିନାକ୍ଷୀ ମନ୍ଦିରର ବାହ୍ୟ ମଣ୍ଡପରେ ପ୍ରବେଶ କଲୁ। ଏଠାରେ ସୁବର୍ଣ୍ଣ ଧ୍ୱଜା, ତିରୁମଲାଇ ବିନାୟକ, ତିରୁମଲାଇ ନାଇକ ମଣ୍ଡପ, କାର୍ତ୍ତିକେୟଙ୍କ ମୂର୍ତ୍ତି ଇତ୍ୟାଦି ଦେଖିବାକୁ ମିଳେ। ତାପରେ ମାତାଙ୍କର ମନ୍ଦିର ମଧ୍ୟରେ ପ୍ରବେଶ କରିବାକୁ ପଡ଼େ। ଗର୍ଭଗୃହ ମଧ୍ୟରେ ମାତା ମିନାକ୍ଷୀଙ୍କର ସୁନ୍ଦର ଦଣ୍ଡାୟମାନ ମୂର୍ତ୍ତି ଶାନ୍ତି ଓ ଦୟାର ପ୍ରତୀକ ସ୍ୱରୂପ ହାତରେ ଶୁଆ ଓ ଫୁଲତୋଡ଼ା ଧରି ବିରାଜମାନ। ମାତାଙ୍କର ଏହି ସୁନ୍ଦର ମୂର୍ତ୍ତି ଦର୍ଶନ ମାତ୍ରେ ମନରେ ଭକ୍ତି ଓ ଆନନ୍ଦ ଜାଗ୍ରତ ହୁଏ। ଅନ୍ୟତମ ଆକର୍ଷଣ ହେଲା ସୁନ୍ଦରେଶ୍ୱର ମନ୍ଦିର। ମନ୍ଦିରର ପ୍ରବେଶ ଦ୍ୱାରରେ ୧୨ଫୁଟ ଉଚ୍ଚତା ବିଶିଷ୍ଟ ଦୁଇ ଦ୍ୱାରପାଳଙ୍କ ବିଶାଳ ତମ୍ବାମୂର୍ତ୍ତି ଦଣ୍ଡାୟମାନ। ମନ୍ଦିରର ଗର୍ଭଗୃହ ପୂର୍ବରୁ ମହାମଣ୍ଡପରେ ଶିବଙ୍କର ନଟରାଜ ମୂର୍ତ୍ତି ତାଙ୍କର ଦକ୍ଷିଣ ପାଦ ଉର୍ଦ୍ଧ୍ୱକୁ ତୋଳି ବିରାଜମାନ। ଏହା ସହିତ ୬୩ ଶିବ ଭକ୍ତ ମୁନି ଋଷିଙ୍କ ତମ୍ବା ମୂର୍ତ୍ତିମାନ ରଖାଯାଇଛି। ଗର୍ଭଗୃହକୁ ଇନ୍ଦ୍ର ବିମାନ କୁହାଯାଏ। ଏହାକୁ ୬୪ ଭୂତଗଣ, ୮ଟି ହାତୀ ଓ ଦୁଇଟି ସିଂହ ଧାରଣ କରି ରଖିଛନ୍ତି। ଏହାର ମଧ୍ୟ ଭାଗରେ ଭଗବାନ ସୁନ୍ଦରେଶ୍ୱର ଲିଙ୍ଗ ରୂପରେ ପୂଜା ପାଆନ୍ତି। ମନ୍ଦିର ମଧ୍ୟରେ ସହସ୍ର ସ୍ତମ୍ଭର ବିରାଟ ଗୃହ ଯାତ୍ରୀ ମାନଙ୍କୁ ବିଶେଷ ଆକର୍ଷଣ କରେ। ଏହା ଦଲାଭାଇ ହରିଅନନ୍ତ ମୁଦାଲିୟରଙ୍କ ଦ୍ୱାରା ୧୫୬୯ ଖ୍ରୀଷ୍ଟାବ୍ଦରେ ନିର୍ମିତ। ଏହି ସ୍ତମ୍ଭ ମାନଙ୍କର କାରୁକାର୍ଯ୍ୟ ଅବର୍ଣ୍ଣନୀୟ। ଏଥିରେ ନର୍ତ୍ତନ ଗଣେଶ, ଶିବ, ରବି, ମନ୍ମଥ, ଅର୍ଜ୍ଜୁନ, ଭୀମ, ଚନ୍ଦ୍ରମତୀ, ସରସ୍ୱତୀ ଓ ମୋହିନୀଙ୍କର ସୁନ୍ଦର ମୂର୍ତ୍ତିମାନ ଖୋଦିତ ହୋଇଅଛି। ଗୃହର ଶେଷ ଭାଗରେ ନଟରାଜ ଏବଂ ଶିବକାମୀଙ୍କର ସୁନ୍ଦର ମୂର୍ତ୍ତି ଏକ ମଣ୍ଡପ ଉପରେ ବିରାଜମାନ।

ମଦୁରାଇରେ ତିରୁମଲାଇ ନାୟକ ରାଜପ୍ରାସାଦ ଏକ ଦର୍ଶନୀୟ ସ୍ଥାନ, ଏହା ମିନାକ୍ଷୀ ମନ୍ଦିର ଠାରୁ ୧କି.ମି. ଦୂରରେ ଅବସ୍ଥିତ। ଏହା ରାଜା ତିରୁମଲାଇ ନାୟକଙ୍କ ଦ୍ୱାରା ୧୬୩୬ ଖ୍ରୀଷ୍ଟାବ୍ଦରେ ନିର୍ମାଣ କରାଯାଇଅଛି। ରାଜପ୍ରାସାଦ ମଧ୍ୟ ଭାଗରେ ରାଜାଙ୍କର ଦରବାର ପ୍ରାଙ୍ଗଣ ଦର୍ଶକମାନଙ୍କୁ ଆଶ୍ଚର୍ଯ୍ୟ କରେ। ସୁନ୍ଦର କାରୁକାର୍ଯ୍ୟ ବହନ କରୁଥିବା ଉଚ୍ଚ ଉଚ୍ଚ ସ୍ତମ୍ଭମାନଙ୍କ ଦ୍ୱାରା ଏହି ପ୍ରାସାଦ ପରିବେଷ୍ଟିତ। ପ୍ରାସାଦ ମଧ୍ୟରେ ଗୋଲାକାର ଗମ୍ବୁଜମାନ ଶୋଭା ପାଉଛି। ଗମ୍ବୁଜ ଗୁଡ଼ିକରେ ଚୁନରେ ତିଆରି କାମ ଓ ଡିଜାଇନମାନ ମନମୁଗ୍ଧକର। ଏହା ମଧ୍ୟରେ ଶବ୍ଦ ଓ ଆଲୋକ କାର୍ଯ୍ୟକ୍ରମ ଦ୍ୱାରା ତିରୁମଲାଇ ନାୟକ ଓ ଅନ୍ୟାନ୍ୟ ରାଜା ମାନଙ୍କର ଜୀବନୀ ଓ ରାଜୁତି ସମୟର ଘଟଣାମାନ ବର୍ଣ୍ଣନା କରାଯାଇଛି। ଏହା ପ୍ରତିଦିନ ସନ୍ଧ୍ୟା ୬.୪୫ରୁ ୯.୩୦ ପର୍ଯ୍ୟନ୍ତ ଚାଲୁ ରହେ। ମଦୁରାଇ ସହର ମଧ୍ୟରେ ଆହୁରି କିଛି ମନ୍ଦିର ଓ ଦର୍ଶନୀୟ ସ୍ଥାନ ରହିଛି। ଯାତ୍ରୀମାନେ ସମୟ ଓ ସୁବିଧା ଦେଖି ଦର୍ଶନ କରିପାରିବେ। ମିନାକ୍ଷୀ ଦେବୀ ମନ୍ଦିରରେ ବର୍ଷ ତମାମ ଅନେକ ପର୍ବପର୍ବାଣୀ ପାଳନ କରାଯାଏ। ତନ୍ମଧ୍ୟରୁ ମିନାକ୍ଷୀ ତିରୁକଲ୍ୟାନମ୍ ଅର୍ଥାତ୍ ମାତା ମିନାକ୍ଷୀଙ୍କର ବିବାହ ପର୍ବ ସବୁଠାରୁ ବଡ଼ ପର୍ବ। ଏହା ପ୍ରତିବର୍ଷ ଏପ୍ରିଲ ମାସରେ ପାଳିତ ହୁଏ। ଏହାଛଡ଼ା ନବରାତ୍ରୀ ଓ ଶିବରାତ୍ରୀ ମଧ୍ୟ ନିଷ୍ଠା ଓ ଆଡ଼ମ୍ବର ସହ ପାଳନ କରାଯାଏ। ଶ୍ରାବଣ ମାସର ପ୍ରତ୍ୟେକ ଶୁକ୍ରବାର ଏଠାରେ ଦେବୀଙ୍କର ବିଶେଷ ପୂଜା ଅନୁଷ୍ଠିତ ହୁଏ। ମନ୍ଦିର ସକାଳ ୫ଟାରୁ ୧୨.୩୦ ପର୍ଯ୍ୟନ୍ତ ଓ ଅପରାହ୍ନରେ ୪ଟାରୁ ୯.୩୦ ପର୍ଯ୍ୟନ୍ତ ଖୋଲା ରହେ। ମନ୍ଦିର ମଧ୍ୟରେ ଅଣହିନ୍ଦୁମାନଙ୍କ ପ୍ରବେଶ ନିଷେଧ। ଦାକ୍ଷିଣାତ୍ୟ କଳା ସଂସ୍କୃତିରେ ଭରପୁର ମଦୁରାଇର ମିନାକ୍ଷୀ ମନ୍ଦିର ଅବଶ୍ୟ ଦର୍ଶନୀୟ। ମିନାକ୍ଷୀ ମାତାଙ୍କ ମାହାତ୍ମ୍ୟ ରାମାୟଣରେ ମଧ୍ୟ ବର୍ଣ୍ଣିତ। କୌଟିଲ୍ୟ ଅର୍ଥଶାସ୍ତ୍ରରେ ମାତାଙ୍କ ମହିମା ସ୍ଥାନ ପାଇଛି। ବିଦେଶୀ ପର୍ଯ୍ୟଟକ ମେଘାସ୍ଥିନିସ୍ ଖ୍ରୀଷ୍ଟପୂର୍ବ ୩୦୨ରେ ଓ ଟୋଲେମି ୧୪୦ ଖ୍ରୀଷ୍ଟାବ୍ଦରେ ସେମାନଙ୍କ ଭାରତ ଭ୍ରମଣ ବୀବରଣୀରେ ଏହି ପୀଠର ମହିମା ବର୍ଣ୍ଣନା କରିଛନ୍ତି। ମନ୍ଦିରର ବିଶାଳତା ଓ କମନୀୟ କାରୁକାର୍ଯ୍ୟ ପାଇଁ ମିନାକ୍ଷୀ ମନ୍ଦିର ବିଶ୍ୱର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ସ୍ଥାନ ପାଇବା ପାଇଁ ପ୍ରସ୍ତାବ କରାଯାଇଛି।







**ପ୍ଲଟ ନଂ-୧୦୮୨/ଡି, ମର୍କତ ନଗର,**
**ସିଡିଏ, ସେକ୍ଟର-୬, କଟକ,**
**ଦୂରଭାଷ : ୯୮୬୧୩୫୫୬୨୮**

ମନୋରଞ୍ଜନ

# ମୁକ୍ତିଲାଭ ଅପେକ୍ଷାରେ ଓଡିଆ ଚଳଚ୍ଚିତ୍ର 'ବିଦେହ'



ଖୁବଶୀଘ୍ର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯାଉଛି ଏକ ଭିନ୍ନ ଧରଣର ଓଡିଆ ଚଳଚ୍ଚିତ୍ର 'ବିଦେହ' । ସଂପୂର୍ଣ୍ଣ ଭିନ୍ନ ସ୍ୱାଦର କାହାଣୀକୁ ନେଇ ତିଆରି ହୋଇଛି ଏହି ଚଳଚ୍ଚିତ୍ର । ବିଶିଷ୍ଟ ଲେଖକ ତଥା ନିର୍ଦ୍ଦେଶକ ବିୟତ୍ ପ୍ରଜ୍ଞା ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଏକ ଆଗାମୀ ଓଡ଼ିଆ ଚଳଚ୍ଚିତ୍ର ହେଉଛି ବିଦେହ । ଯେଉଁଥିରେ ଷ୍ଟାର କାଷ୍ଟ ଭାବରେ- କାଜଲ ଶତପଥୀ, ଉଷାଷୀ ମିଶ୍ର, ସୁକାନ୍ତ ରଥ, ଗୌରବ ମହାନ୍ତି, ଡେଜୀ, ଏଲିନା, କୌଶିକ ମହାପାତ୍ର ପ୍ରମୁଖ ଅଭିନୟ କରିଛନ୍ତି । ତେବେ ଏହି ଚଳଚ୍ଚିତ୍ରଟି ସିନେମା ହଲରେ ମୁକ୍ତିଲାଭ କରିବାକୁ ଯାଉଛି । ଏହା ସିବିଏଫସି ଦ୍ୱାରା ୟୁଏଇ ପ୍ରମାଣପତ୍ର ପ୍ରାପ୍ତ ହୋଇଛି । ଯଦି ଆମେ ଚଳଚ୍ଚିତ୍ର କଥା କହିବା ତେବେ ଆଧୁନିକ ନାରୀ ଜୀବନର ଅନେକ ଦୁଃସାହସ ଓ ଦ୍ୱନ୍ଦର କଥା କହେ ।



ବିଦେହ ହେଉଛି ଭୁବନେଶ୍ୱରରେ ରହୁଥିବା ଏକ ପରିବାରର ସ୍ତ୍ରୀ ଲୋକ ଓ ତାଙ୍କର ଆଉ ତିନିଜଣ ଅନ୍ତରଙ୍ଗ ସାଙ୍ଗ ମାନଙ୍କ କାହାଣୀ । ସମସାମୟିକ ଜୀବନରେ ସେମାନଙ୍କ ମନର ଦ୍ୱନ୍ଦ ଓ ତାଙ୍କ ଅସ୍ତିତ୍ୱର ସନ୍ଧାନକୁ ନେଇ ଏହି ଚଳଚ୍ଚିତ୍ରଟି ନିର୍ମାଣ କରାଯାଇଛି । କେତେବେଳେ ଭଲପାଇବା କାହାକୁ ସାନ୍ତ୍ୱନା ଦେଉଛି ତ ଆଉ କାହାକୁ ଭିତରୁ ଭାଙ୍ଗି ଦେଉଛି । ଆତ୍ମା, ଶରୀର ଓ ଇଚ୍ଛା ଭିତରେ ଥିବା ସୀମାକୁ ପ୍ରଶ୍ନ କରି ଏ ସିନେମାର ମୁଖ୍ୟ ଚରିତ୍ର 'ଇତି' ସ୍ତ୍ରୀ ମନରେ ଲୁଚିଥିବା ଭାବନା, ଅସ୍ଥିରତା, ମୁକ୍ତି, ଆକାଂକ୍ଷା ଓ ପ୍ରକୃତିର ନିର୍ମମ ସତ୍ୟର ଗଭୀର ଅନୁଭବର କଥା କହେ । ଆଧୁନିକ ନାରୀ ଜୀବନର ଅନେକ ଦୁଃସାହସ ଓ ଦ୍ୱନ୍ଦର କଥା କହେ ଚଳଚ୍ଚିତ୍ର ବିଦେହ । ଯାହାକି ଏବେ ମୁକ୍ତିଲାଭ ଅପେକ୍ଷାରେ ।


# 'ଚକ୍ରାନ୍ତ'




'ଜୀ-ସାର୍ଥକ' ସବୁବେଳେ ଦର୍ଶକଙ୍କ ପସନ୍ଦକୁ ଆଧାର କରି ନୂଆ ନୂଆ ଚଳଚ୍ଚିତ୍ର ଭେଟିଦେଇଛି । ସେହିପରି ଆସନ୍ତା ମେ ୩ ତାରିଖ ସନ୍ଧ୍ୟା ୬: ୩୦ରେ ଜୀ ସାର୍ଥକ ପରଦାରେ ପ୍ରଥମ ଥର ପାଇଁ ପ୍ରସାରିତ ହେବାକୁ ଯାଉଛି ନୂଆ ଓଡ଼ିଆ କ୍ରାଇମ୍-ଥ୍ରୀଲର ଚଳଚ୍ଚିତ୍ର 'ଚକ୍ରାନ୍ତ' । ଏହା ଏକ ସରଳ ନିରୀହ ଝିଅ ନୈନାର ସଂଘର୍ଷ, ସାହସ ଓ ନାରୀ ସଶକ୍ତିକରଣର ଏକ ପ୍ରେରଣାଦାୟକ କାହାଣୀ । ନିଜର ସ୍ୱପ୍ନ ପୂରଣ କରିବାକୁ ଭୁବନେଶ୍ୱର ଆସିଥିବା ଏକ ନିରୀହ ଗାଁ ଝିଅ କିପରି ଏକ ହତ୍ୟା ମାମଲାରେ ଫସିଯାଏ ଏବଂ ନିଜ ପ୍ରେମିକ ଦ୍ୱାରା ପ୍ରତାରିତ ହୋଇ ଏକୁଟିଆ ହୋଇଯାଏ, ତାହା ଏହି ଫିଲ୍ମରେ ଦର୍ଶାଯାଇଛି । ହେଲେ ନୈନା ହାରିଯାଏ ନାହିଁ, ତେବେ କଣ ସେ ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିପାରିବ ? ପ୍ରେମ, ପ୍ରତାରଣା, ଅପରାଧ ଏବଂ ମାନସିକ ଷଡ଼ଯନ୍ତ୍ରର ଏହି ରହସ୍ୟମୟ ତଥା ରୋମାଞ୍ଚକର କାହାଣୀ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ ଯେପରି ପୂର୍ବରୁ ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଳୟରେ ଦର୍ଶକଙ୍କ ମନ ଜିତିଥିଲା । ଦିଶା ପାଢ଼ୀଙ୍କ କାହାଣୀ, ସୌରଭ ପାଢ଼ୀଙ୍କ ପ୍ରଯୋଜନା ଏବଂ ପିନୁ ନାୟକଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଛନ୍ତି ଶୁଭାଶିଷ ଶର୍ମା ଏବଂ ଭୂମିକା ଦାଶ । ଶୁଭାଶିଷଙ୍କ ଦମଦାର ଅଭିନୟ ଏବଂ ଭୂମିକାଙ୍କ ଭାବପୂର୍ଣ୍ଣ ପ୍ରଦର୍ଶନ ଫିଲ୍ମର ମୁଖ୍ୟ ଆକର୍ଷଣ । ଅନ୍ୟ ପ୍ରମୁଖ ଭୂମିକାରେ ହରିହର ମହାପାତ୍ର, ଜୟପ୍ରକାଶ ଚୌଧୁରୀ, ଶୁଭମ୍ ପାଢ଼ୀ ଓ ପ୍ରଦ୍ୟୁମ୍ନ ଲେଙ୍କା ନଜର ଆସିଛନ୍ତି । ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସ୍ୱର୍ଗତଃ ଅଭିଜିତ ମଜୁମଦାର ।

# ଚର୍ଚ୍ଚାରେ ଦୀପିକା






ଅଭିନେତ୍ରୀ ଦୀପିକା ପାଦୁକୋନ ଦ୍ୱିତୀୟ ଥର ମାଆ ହେବାକୁ ଯାଉଥିବା ଖବର ଆସିବା ପର ଠାରୁ କେବଳ ଚର୍ଚ୍ଚାରେ ନାହାନ୍ତି ବରଂ ଦୁଇଟି ବିଗ୍ ବଜେଟର ସିନେମାକୁ ନେଇ ମଧ୍ୟ ଗଣମାଧ୍ୟମର ପ୍ରମୁଖ ଖବର ପାଲଟିଛନ୍ତି । ଦୀପିକା ନିକଟରେ ଏକ ଗଣମାଧମକୁ କହିଛନ୍ତି, 'ସେ ତାଙ୍କ ଗର୍ଭାବସ୍ଥା ପର୍ଯ୍ୟନ୍ତ ଫିଲ୍ମର ସୁଟିଂ ଜାରି ରଖିବେ ।' ବଡ଼କଥା ହେଲା ଶାହରୁଖଙ୍କ ସହ କିଙ୍ଗ ଫିଲ୍ମ ସୁଟିଂରେ ବ୍ୟସ୍ତ ରହିଛନ୍ତି । ଶାହାରୁଖ ଖାନ ଏବଂ ଦୀପିକାଙ୍କ ବ୍ୟତୀତ 'କିଙ୍ଗ୍'ରେ ସୁହାନା ଖାନ, ରାଣୀ ମୁଖାର୍ଜୀ, ଅଭିଷେକ ବଚ୍ଚନ, ଅନିଲ କପୁର, ଅର୍ଶଦ ୱର୍ଶି, ଜୟଦୀପ ଆହଲାୱତ, ଜ୍ୟାକି ଶ୍ରଫ୍, ରାଘବ ଜୁୟାଲ ଏବଂ ଅଭୟ ବର୍ମା ମଧ ନଜର ଆସିବେ । ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ ଏବଂ ରେଡ୍ ଚିଲିଜ୍ ଏଣ୍ଟରଟେନମେଣ୍ଟ ଦ୍ୱାରା ନିର୍ମିତ 'କିଙ୍ଗ୍' ଡିସେମ୍ବରରେ ମୁକ୍ତିଲାଭ କରିବ । ଦୀପିକାଙ୍କ ଦୁଇଟି ପ୍ରମୁଖ ପ୍ରୋଜେକ୍ଟ 'କିଙ୍ଗ' ଓ 'ରାକା' ସୁଟିଂ ଚାଲିଥିବା କଥା ଜଣାପଡ଼ିଛି । ସିଦ୍ଧାର୍ଥ ଆନନ୍ଦଙ୍କ ଫିଲ୍ମ 'କିଙ୍ଗ୍' ବର୍ତ୍ତମାନ ସାଉଥ ଆଫ୍ରିକାରେ ସୁଟିଂ ହେଉଛି । ସୁଟିଂ ସମୟର ଫଟୋ ଲିକ୍ ହେବା ପରେ ଦୀପିକା ଆଉ ଟିକେ ଚର୍ଚ୍ଚାକୁ ଆସିଛନ୍ତି । ଲିକ୍ ହୋଇଥିବା ଫଟୋରେ, ଦୀପିକା ଶାହାରୁଖ ଖାନଙ୍କ ହାତ ଧରି ଚାଲୁଥିବାର ଦେଖାଯାଉଛନ୍ତ ।

## ଡ଼େରିରେ ଆସିବ 'ହେଁ ଜୱାନି ତୋ ଇସ୍କ ହୋନା ହେଁ'

ବଲିଉଡର ଉଦୀୟମାନ ନାୟକ ବରୁଣ ଧୱନଙ୍କ ଅଭିନୀତ ନୂଆ ସିନେମା 'ହେଁ ଜୱାନି ତୋ ଇସ୍କ ହୋନା ହେଁ' ଡ଼େରିରେ ରିଲିଜ୍ ହେବ ବୋଲି ସୂଚନା ମିଳିଛି । ରୋମାଣ୍ଟିକ ଓ କମେଡି ଫିଲ୍ମ 'ହେଁ ଜୱାନି ତୋ ଇସ୍କ ହୋନା ହେଁ' ବରୁଣ ଧୱନଙ୍କୁ ମାଇଲେଜ୍ ଦେବ ବୋଲି ଆଶା କରାଯାଉଛି, ହେଲେ ସିନେ ପ୍ରେମୀଙ୍କୁ ଟିକେ ଝଟକା ଲାଗିଛି । ଟିପ୍ସ ଫିଲ୍ମସ୍ ବ୍ୟାନରରେ ରମେଶ ତୌରାନିଙ୍କ ଦ୍ୱାରା ପ୍ରଯୋଜିତ, ଏହି ସିନେମା ପିତା-ପୁତ୍ର ଯୋଡ଼ି ନିର୍ଦ୍ଦେଶକ ଡେଭିଡ୍ ଧୱନ ଏବଂ ଷ୍ଟାର ବରୁଣ ଧୱନଙ୍କ ଆଉ ଏକ ସିନେମା । ଏ ପ୍ରଥମେ ୨୨ ମଇ, ୨୦୨୬ରେ ରିଲିଜ ହେବାର ଯୋଜନା ଥିଲା, କିନ୍ତୁ ଜୁନ ପ୍ରଥମ ସପ୍ତାହରେ ରିଲିଜ୍ ହେବା କଥା ପ୍ରଯୋଜନା ସଂସ୍ଥା ସ୍ପଷ୍ଟ କରିଛି । ଏହାର ଷ୍ଟାରକାଷ୍ଟରେ ରହିଛନ୍ତି, ବରୁଣଙ୍କ ସହ ପୂଜା ହେଗେଡ଼େ, ମୃଣାଳ ଠାକୁର, ମନିଷା ପାଉଲ, ଜିମି ସେରଗିଲ୍, ମୌନୀ ରାୟ ପ୍ରମୁଖ ।





## ଭିକି କୌଶଳଙ୍କ ନୂଆ ଫିଲ୍ମ 'ମହାବତାର'



ବଲିଉଡ ଅଭିନେତା ଭିକି କୌଶଲ ନୂଆ ଫିଲ୍ମ ପାଇଁ ବ୍ୟସ୍ତ ରହିଛନ୍ତି । 'ମହାବତାର' ନାମକ ଏକ ନୂଆ ଫିଲ୍ମ ଆସୁଥିବାର ଜଣାଯାଇଛି । ଏହାର ନିର୍ଦ୍ଦେଶନା ଅମର କୌଶିକ ଦେଇଥିବା କଥା ଜଣାପଡ଼ିଛି । ଅମର ଭିକି କୌଶଲଙ୍କ ପ୍ରତି ତାଙ୍କର ପ୍ରଶଂସା ପ୍ରକାଶ କରି ତାଙ୍କୁ ଏହି ଭୂମିକା ପାଇଁ ଉପଯୁକ୍ତ ପସନ୍ଦ ବୋଲି କହିଥିଲେ । 'ଯେତେବେଳେ ମୁଁ ତାଙ୍କୁ ଭେଟିଥାଏ, ମୁଁ ତାଙ୍କ ମଧ୍ୟରେ ବହୁତ ସମ୍ଭାବନା ଦେଖିଥାଏ । ଏହି ଚରିତ୍ରକୁ ଚିତ୍ରଣ କରିବା ପାଇଁ ସେ ସର୍ବୋତ୍ତମ ବ୍ୟକ୍ତି' ସେ କହିଥିଲେ । ଜାନୁଆରୀ ୨୦୨୭ ରେ 'ମହାବତାର' ଫ୍ଲୋରକୁ ଆସିପାରେ । ଭିକି ମଧ୍ୟ ଏଥିପାଇଁ କଠୋର ପରିଶ୍ରମ କରିଥିବା ଜଣାପଡ଼ିଛି । ଛଅ ମାସର ତାଲିମ କାର୍ଯ୍ୟକ୍ରମରେ ଶାରୀରିକ ପରିବର୍ତ୍ତନ, ବଲ୍କିଂ ଅପ୍ ସହିତ ଅନେକ କିଛି ଭିକିଙ୍କୁ ଶିଖିବାକୁ ପଡ଼ିଛି । ଠିକ୍ ସେହି ସମୟରେ ତାଙ୍କ ଅଭିନୀତ, ଲଭ୍ ଆଣ୍ଡ୍ ୱାର ମୁକ୍ତିଲାଭ କରିବାର ସମ୍ଭାବନା ଅଛି । ବର୍ତ୍ତମାନ ଅଭିନେତା ଭିକି 'ଲଭ୍ ଆଣ୍ଡ୍ ୱାର' ସୁଟିଂରେ ବ୍ୟସ୍ତ ଅଛନ୍ତି, ଯେଉଁଥିରେ ସେ ତାଙ୍କର ସଞ୍ଜୁ ସହ-କଳାକାର ରଣବୀର କପୁର ଏବଂ ରାଜି ସହ-କଳାକାର ଆଲିଆ ଭଟ୍ଟଙ୍କ ସହିତ ପୁଣି ଥରେ କାମ କରୁଛନ୍ତି । ଏହା ନିର୍ମାତା ସଞ୍ଜୟ ଲୀଳା ଭଂସାଲିଙ୍କ ସହିତ ତାଙ୍କର ପ୍ରଥମ ସିନେମା ଏବଂ ଏହା ଜାନୁଆରୀ ୨୧, ୨୦୨୭ରେ ମୁକ୍ତିଲାଭ କରିବ । ମହାବତାର ଭିକିଙ୍କୁ ସଫଳତା ଦେବା ସହିତ ବକ୍ସ ଅଫିସରେ ହିଟ୍ ହେବ ବୋଲି ପ୍ରଯୋଜକ ଆଶାବାଦୀ ଅଛନ୍ତି ।



# ରୋଲ୍ ମଡେଲ୍ କରିବାର ଭୂମିକା



ପିଲାଟିଏକୁ ମଣିଷ କରିବା ପଛରେ ବାପାମାଆଙ୍କର ଭୁମିକା ଅନେକ ଥାଏ । ସେମାନେ କେବଳ ଜନ୍ମ କରି ଅୟସରେ ବଢ଼ାଇଲେ ହେବନାହିଁ, ସେମାନଙ୍କୁ ନୀତି ଆଦର୍ଶରେ ଗଢ଼ି ବଡ଼ ନୁହେଁ ବରଂ ଭଲ ମଣିଷ କରିବାର ଆବଶ୍ୟକତା ଯଥେଷ୍ଟ ରହିଛି । ପିଲାମାନେ ଆଚରଣ, ଉଚ୍ଚାରଣ, ଚାଲିଚଳନ ଆଦି ପିତାମାତାଙ୍କ ଠାରୁ ଶିଖିଥାଆନ୍ତି । ଯଦି ପିତାମାତାମାନେ ଦୈନନ୍ଦିନ ଜୀବନରେ ଶୃଙ୍ଖଳିତ ନୁହନ୍ତି, ପିଲାମାନେ କାହାଠାରୁ ଭଲ କଥା ଶିଖିବେ ! ଏଣୁ ପିଲାମାନଙ୍କ ପାଇଁ ବାପାମାଆମାନେ ରୋଲ୍ ମଡ଼େଲ୍ ହେବାର ଆବଶ୍ୟକତା ରହିଛି । ନିଜକୁ ଏଭଳି ଭାବରେ




ଗଢ଼ିବା ଦରକାର, ଯାହା ପିଲାଟି ଦେଖି ଦେଖି ଅନେକ କଥା ଶିଖିପାରିବ । ବାପାମାଆମାନେ ଯଦି କୁଅଭ୍ୟାସରେ ବଶବର୍ତ୍ତୀ ହୋଇଯିବେ, ତା’ହେଲେ ପିଲାଙ୍କ ଠାରୁ ଭଲ କିଛି ଆଶା କରିପାରିବେ ନାହିଁ । ପିଲାମାନଙ୍କ ଠାରେ ନିଜର ପ୍ରତିଫଳନ ଦେଖାଯାଇଥାଏ । ଅନେକ କଥା ଛଳରେ କହିଥାନ୍ତି, ପିଲାକୁ ଦେଖିଲେ ବାପାମାଆ କିଭଳି ହୋଇଥିବେ, ଅନ୍ଦାଜ କରିହେବ । ପିଲାଙ୍କୁ ବ୍ୟବହାରିକ ଜ୍ଞାନ ଶିଖାଇବା ସହିତ ଅନ୍ୟକୁ କିଭଳି ସମ୍ମାନ ଦିଆଯିବ, ଶୃଙ୍ଖଳିତ ଭାବରେ କିଭଳି ଭଲ ମଣିଷ ଭାବରେ ସମାଜରେ ସୁନାମ ଆଣିହେବ, ଏବାବଦରେ ଶିଖାଇବା ଦରକାର । ପିଲାଙ୍କୁ ଭଲ ବିଦ୍ୟାଳୟରେ ପଢ଼ାଇଲେ କି ଭଲ କ୍ୟାରିୟର ରଖି ବଡ଼ ଚାକିରି କଲେ, ବାପାମାଆଙ୍କ ଶ୍ରମ ସାର୍ଥକ ହୁଏନାହିଁ । ଯେତେବେଳେ ପିଲାଟି ଭଲକାମ କରି ସୁନାମ ଅର୍ଜନ କରେ, ସେତେବେଳେ ବାପାମାଆମାନେ ଗର୍ବ ଅନୁଭବ କରନ୍ତି । ଏହିସବୁ ପଛରେ ବାପମାଆଙ୍କର ଯେଉଁ ଗୁରୁଦାୟିତ୍ୱ ରହିଛି, ତାହା ପାଳନ କରିବା ଦରକାର । ପିଲାଙ୍କୁ ଉପଦେଶ ଦେଇ ଯଦି ନିଜେ ଭଲ କାମ କରୁନାହାନ୍ତି, ପିଲାଟିକୁ ସୁଧାର କରିପାରିପାରିବେ ନାହିଁ ।



# ଗଣିତଜ୍ଞ ଆବେଲ

**ଜ୍ଞାନ ବିଜ୍ଞାନ**



**ସାଗରିକା ରାଉତ**
ଜିଲ୍ଲା ବିଜ୍ଞାନ ପରିଦର୍ଶିକା,
କଟକ

ଆବେଲ ୧୮୦୨ ମସିହା ଅଗଷ୍ଟ ୫ ତାରିଖରେ ନରୱେର ଫିଣ୍ଡୋର ଗ୍ରାମରେ ଅତି ଦରିଦ୍ର ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ଛଅ ଜଣ ଭାଇ ଥିଲେ । ଅଠର ବର୍ଷ ବୟସରୁ ସେ ବାପାଙ୍କୁ ହରାଇ ଥିଲେ । ସେତେବେଳେ ନରୱେର ନାଗରିକଙ୍କର ଆର୍ଥିକ ଅବସ୍ଥା ଭଲ ନଥିଲା । ମାତ୍ର ୧୬ ବର୍ଷ ବୟସରେ ସେ ପ୍ରମାଣ କରିଥିଲେ ବାଇନୋମିଆଲ ଥିଓରମ ସବୁ ପ୍ରକାର ସଂଖ୍ୟା ପାଇଁ ଉପଯୋଗୀ ହୋଇ ପାରିବ । ଗଣିତଜ୍ଞ ଉଇରାଲ ପୂର୍ବରୁ ପ୍ରମାଣିତ କରିଥିଲେ କେବଳ ପୂର୍ଣ୍ଣ ସଂଖ୍ୟାରେ ଏହା ଲାଗୁ ହୋଇ ପାରିବ । ମାତ୍ର ୧୯ ବର୍ଷ ବୟସରେ ସେ ଦର୍ଶାଇ ପାରିଥିଲେ । ପଞ୍ଚଘାତ ସମୀକରଣକୁ କୌଣସି ପାଟିଗଣିତ ସୂତ୍ର ଦ୍ୱାରା ସମାଧାନ କରିବା ସମ୍ଭବ ନୁହେଁ । ଦ୍ୱିଘାତ ସମୀକରଣ ପରି ଏହାର କୌଣସି ନିର୍ଦ୍ଦିଷ୍ଟ ସୂତ୍ର ନାହିଁ । ବୀଜ ଗଣିତର ସାଧାରଣ ବ୍ୟବହାରରେ ମଧ୍ୟ ଏଗୁଡିକ ସମାଧାନ ହୋଇ ପାରିବନାହିଁ ବୋଲି ସେ ପ୍ରମାଣ କରି ଦର୍ଶାଇ ଥିଲେ । ସମୀକରଣ ଗୁଡିକର ମିମାଂଶା ପାଇଁ ସେ ଅନେକ ଗୁଡିଏ ସୂତ୍ର ତିଆରି କରିଥିଲେ । ସେଗୁଡିକ ଆବେଲ ସୂତ୍ର ଗୁଚ୍ଛ ନାମରେ ବିଖ୍ୟାତ । ତାଙ୍କର ପ୍ରଣିତ ଧାରା ସବୁ ଗଣିତକୁ ପରିପୁଷ୍ଟ କରିଅଛି । ଏହା ସହିତ ପଦାର୍ଥ ବିଜ୍ଞାନର ବିଭିନ୍ନ ପ୍ରୟୋଗ ପାଇଁ ଆଜିବି ଉପଯୋଗୀ ହୋଇ ରହିଛି । ଆବେଲ ଅଣ୍ଡାକାରକୃତି କ୍ଷେତ୍ରର ଆକଳନ ପାଇଁ ଅନେକ ମୌଳିକ ତତ୍ତ୍ୱ, ଉପପାଦ୍ୟ ଓ ସୂତ୍ର ତିଆରି କରିଥିଲେ । ତାଙ୍କର ଲେଖା ଗୁଡିକ କେତେ ଗୁଡିଏ ବିଶାଳ ଗ୍ରନ୍ଥରେ ପରିଣିତ ହୋଇ ଯାଇଥିଲା । ତାଙ୍କର ମୃତ୍ୟୁ ପରେ ସେଗୁଡିକ ଲୋକଲୋଚନକୁ ଆସିଥିଲା । ୧୮୨୫ ମସିହାରେ ନରୱେ ସରକାର ଆବେଲ୍‌ଙ୍କୁ ଅଧ୍ୟୟନ ପରିକ୍ରମା ପାଇଁ ଫ୍ରାନ୍ସ ଓ ଜର୍ମାନୀ ପଠାଇ ଥିଲେ । ସେଠାରେ ସେ ଅଣ୍ଡାକାର କୃତି କ୍ଷେତ୍ରର ଦ୍ୱିପର୍ଯ୍ୟାୟ ସନ୍ଦର୍ଭ ସମସ୍ତ ବୁଦ୍ଧିଜୀବିଙ୍କୁ ବିଦିତ କରାଇ ଥିଲେ । ଏହାକୁ ପାଠ କରି ବିଖ୍ୟାତ ଗଣିତଜ୍ଞ ଲାୟେନ୍ୟ ଜଣେ ବିଖ୍ୟାତ ଗଣିତଜ୍ଞ କାଉଚେଙ୍କୁ କହିଥିଲେ, ଅବେଲଙ୍କର କୀର୍ତ୍ତି ବ୍ରୋଂଚ୍ ଅପେକ୍ଷା ଅଧିକ ଦିର୍ଘସ୍ଥାୟୀ । ବର୍ଲିନରେ ତାଙ୍କୁ ଅଗଷ୍ଟ କ୍ରେଲ୍ ନାମକ ବନ୍ଧୁ ମିଳିଗଲେ । ତାଙ୍କର ମୌଳିକ ଓ ବ୍ୟବହାରିକ ଗଣିତ ଉପରେ ପ୍ରକାଶିତ ପତ୍ରିକାରେ ଆବେଲଙ୍କର ଅନେକ ସନ୍ଦର୍ଭ ପ୍ରକାଶିତ ହୋଇଥିଲା । ବର୍ଲିନ ବିଶ୍ୱ ବିଦ୍ୟାଳୟରେ ନରୱେ ଯୁବକର ପ୍ରତିଭା ପ୍ରତି ଆକର୍ଷିତ ହୋଇ ଅଧାପକ ଭାବରେ ନିଯୁକ୍ତି



ଦେବାକୁ ନିର୍ଣ୍ଣୟ ନେଲା । ଆବେଲଙ୍କର ଗରିବୀ ଦିନ ସରିବାର ଆଶା ସଂଚାର ହେଲା । କିନ୍ତୁ କ୍ରୁର ନିୟତି ନିଯୁକ୍ତି ପତ୍ର ପହଂଚିବାର ମାତ୍ର ଦୁଇଦିନ ପୂର୍ବରୁ ଯକ୍ଷ୍ମା ରୋଗରେ ୨୬ ବର୍ଷ ବୟସରେ ଗଣିତଜ୍ଞ ହେନେରି ଆବେଲ ନେଲଙ୍କ ଜୀବନ ଚାଲି ଯାଇଥିଲା ।



# ଅଧର୍ମ ବିନାଶକାରୀ ଭଗବାନ ନୃସିଂହ

# ନମଇଁ ନୃସିଂହ ଚରଣ.......

ପଣ୍ଡିତ ସୋମନାଥ ଦାଶ

ବୈଶାଖ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ଭଗବାନ ନୃସିଂହଙ୍କ ଜୟନ୍ତୀ ପାଳନ କରାଯାଇଥାଏ। ମହାନୃସିଂହ ହେଉଛନ୍ତି ଶକ୍ତିର ଦେବତା। ପୌରାଣିକ ମାନ୍ୟତା ଅନୁଯାୟୀ, ଉପରୋକ୍ତ ପବିତ୍ର ତିଥିରେ ଶ୍ରୀହରି ବିଷ୍ଣୁ ନୃସିଂହ ଅବତାରରେ ପ୍ରକଟ ହୋଇଥିଲେ। ସେ ଦୈତ୍ୟରାଜ ହିରଣ୍ୟକଶିପୁର ବଧ କରିଥିଲେ। ଭଗବାନ ବିଷ୍ଣୁ ଅଧର୍ମ ନାଶ କରିବା ଲାଗି ଅନେକ ଅବତାର ନେଇଛନ୍ତି। ସେ ଅବତାର ନେବା ପରେ ପୃଥିବୀରେ ଧର୍ମ ପ୍ରତିଷ୍ଠା ହୋଇଛି। ଶ୍ରୀବିଷ୍ଣୁ ସର୍ବଦା ନିଜ ଭକ୍ତମାନଙ୍କୁ ସଂକଟରୁ ରକ୍ଷା କରିଥାନ୍ତି। ଶ୍ରୀମଦ୍ ଭାଗବତରେ ଆରମ୍ଭରୁ ଭଗବାନ ନୃସିଂହଙ୍କୁ ସ୍ତୁତି କରାଯାଇ ଲେଖାଯାଇଛି ‘ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ’।

ଅଧର୍ମର ବିନାଶ ଲାଗି ଶ୍ରୀହରି ନେଇଥିବା ବିଭିନ୍ନ ଅବତାର ମଧ୍ୟରୁ ନୃସିଂହ ଅବତାରରେ ସେ ଦୈତ୍ୟରାଜ ହିରଣ୍ୟକଶିପୁର ବିନାଶ କରିଥିଲେ। ଧାର୍ମିକ ଗ୍ରନ୍ଥରେ ଥିବା ବର୍ଣ୍ଣନା ଅନୁଯାୟୀ, ଦୈତ୍ୟରାଜ ହିରଣ୍ୟକଶିପୁ ନିଜକୁ ଭଗବାନଙ୍କ ଠାରୁ ଅଧିକ ଶକ୍ତିଶାଳୀ ବୋଲି ଭାବୁଥିଲା। ସେ ବ୍ରହ୍ମାଙ୍କ ଠାରୁ ବରଦାନ ପାଇଥିଲା। ତାକୁ ମନୁଷ୍ୟ, ଦେବତା, ପକ୍ଷୀ, ପଶୁ ମାରିପାରିବେ ନାହିଁ। ଦିନରେ, ରାତିରେ, ଭୂମିରେ, ଆକାଶରେ, ଅସ୍ତ୍ରରେ କିମ୍ବା ଶସ୍ତ୍ରରେ ସେ ମରିବ ନାହିଁ ବୋଲି ବର ପାଇଥିଲା। ଏହି ବର ପାଇଁ ସେ ଅହଂକାରୀ ହୋଇ ଉଠିଥିଲା। ତା’ର ରାଜ୍ୟରେ ଭଗବାନ ବିଷ୍ଣୁଙ୍କୁ ପୂଜା କରୁଥିବା ଲୋକକୁ ସେ ଦଣ୍ଡ ଦେଉଥିଲା। ହିରଣ୍ୟକଶିପୁର ପୁତ୍ର ଥିଲେ ପ୍ରହ୍ଲାଦ। ପ୍ରହ୍ଲାଦ ପିଲାଦିନୁ ଭଗବାନ ବିଷ୍ଣୁଙ୍କର ପରମଭକ୍ତ ଥିଲେ। ଏହି କଥା ଜାଣିବା ପରେ ହିରଣ୍ୟକଶିପୁ କ୍ରୋଧିତ ହୋଇପଡ଼ିଥିଲା। ସେ ପ୍ରହ୍ଲାଦଙ୍କୁ ବୁଝାଇଲା। କହିଲା, ବିଷ୍ଣୁଙ୍କୁ ଛାଡ଼ି ମୋତେ ପୂଜା କର। ମାତ୍ର ପ୍ରହ୍ଲାଦ ଏଥିପାଇଁ ରାଜି ହେଲେ ନାହିଁ। ହିରଣ୍ୟକଶିପୁ ନିଜ ପୁତ୍ରକୁ ମୃତ୍ୟୁଦଣ୍ଡ ଦେଲା। କିନ୍ତୁ ଭଗବାନଙ୍କ ଚମତ୍କାର ଯୋଗୁ ପ୍ରହ୍ଲାଦଙ୍କର କୌଣସି କ୍ଷତି ହେଲା ନାହିଁ। ଭଉଣୀ ହୋଲିକା କୋଳରେ ବସାଇ ପ୍ରହ୍ଲାଦଙ୍କୁ ମାରିବାକୁ ଚାହିଁଲା ହିରଣ୍ୟକଶିପୁ। ମାତ୍ର ନିଆଁରେ ହୋଲିକା ପୋଡ଼ିମଲା। ପ୍ରହ୍ଲାଦଙ୍କର କୌଣସି କ୍ଷତି ହେଲା ନାହିଁ।

ଶ୍ରୀବିଷ୍ଣୁଙ୍କର ଦଶ ଅବତାର ମଧ୍ୟରେ ଭଗବାନ ନୃସିଂହ ଚତୁର୍ଥ ଅବତାର ଅଟନ୍ତି। ସିଂହ ଭଳି ମସ୍ତକ ଏବଂ ମନୁଷ୍ୟ ଶରୀର ଧାରଣ କରି ପ୍ରଭୁ ନୃସିଂହ ବୈଶାଖ ମାସ ଶୁକ୍ଳ ଚତୁର୍ଦ୍ଦଶୀରେ ଆବିର୍ଭୂତ ହୋଇଥିଲେ। ଭକ୍ତ ପ୍ରହ୍ଲାଦଙ୍କୁ ନିର୍ଯାତନା ମୁକ୍ତ କରିବା ପାଇଁ ପ୍ରଭୁ ନୃସିଂହ ରୂପରେ ସ୍ତମ୍ଭରୁ ବାହାରି ରାକ୍ଷସରାଜ ହିରଣ୍ୟକଶିପୁର ବଧ କରିଥିବା ପୁରାଣରେ ବର୍ଣ୍ଣନା ରହିଛି। ନୃସିଂହ ପୁରାଣରେ ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ନୃସିଂହ ବ୍ରତ ଏବଂ ପୂଜାର ଫଳ କଥା ବର୍ଣ୍ଣନା କରାଯାଇଛି।

ନୃସିଂହ ଜୟନ୍ତୀ ଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ସ୍ନାନ ଆଦି କର୍ମରୁ ନିବୃତ୍ତ ହୋଇ ସ୍ୱଚ୍ଛ ବସ୍ତ୍ର ଧାରଣ କରିବା ଉଚିତ। ଭଗବାନ ନୃସିଂହଙ୍କୁ ବିଧିବିଧାନ ଅନୁଯାୟୀ ପୂଜା କରିବା ଆବଶ୍ୟକ। ଭଗବାନ ନୃସିଂହଙ୍କ ସହିତ ଦେବୀ ଲକ୍ଷ୍ମୀଙ୍କ ମୂର୍ତ୍ତି ସ୍ଥାପନ କରନ୍ତୁ। ଏହା ପରେ ମନ୍ତ୍ର ଉଚ୍ଚାରଣ କରି ଭଗବାନ ନୃସିଂହଙ୍କ ଷୋଡ଼ଶୋପଚାର ପୂଜା କରନ୍ତୁ। ଭଗବାନ ନୃସିଂହଙ୍କ ପୂଜା ନିମନ୍ତେ ଫଳ, ଫୁଲ, କୁଙ୍କୁମ, କେସର, ଶ୍ରୀଫଳ, ଅକ୍ଷତ, ପୀତାମ୍ବର ରଖିବା ଉଚିତ। ଗଙ୍ଗାଜଳ, କଳା ରାଶି, ପଞ୍ଚଗବ୍ୟ ଏବଂ ହୋମ ଆଦି ସାମଗ୍ରୀ ମଧ୍ୟ ପୂଜାରେ ଉପଯୋଗ କରାଯାଇପାରିବ। ଭଗବାନ ନୃସିଂହଙ୍କୁ ପ୍ରସନ୍ନ କରିବା ଲାଗି ନୃସିଂହ ଗାୟତ୍ରୀ ମନ୍ତ୍ର ‘ଓଁ ଉଗ୍ରନୃସିଂହାୟ ବିଦ୍ମହେ ବଜ୍ରନଖାୟ ଧୀମହି ! ତନ୍ନୋ ନରସିଂହ ପ୍ରଚୋଦୟାତ୍।’ କିମ୍ବା ‘ଓଁ ବଜ୍ରନଖାୟ ବିଦ୍ମହେ ତୀକ୍ଷ୍ଣଦଂଷ୍ଟ୍ରାୟ ଧୀମହି, ତନ୍ନୋ ନରସିଂହ ପ୍ରଚୋଦୟାତ୍’ ଜପ କରିବା ଉଚିତ। ପୂଜା ଶେଷ ହେବା ପରେ ମଧ୍ୟ କୁଶ ନିର୍ମିତ ଆସନରେ ବସି ରୁଦ୍ରାକ୍ଷ ମାଳା ଦ୍ୱାରା ନୃସିଂହ ଭଗବାନଙ୍କ ମନ୍ତ୍ର ଜପ କରାଯାଇପାରିବ। ଏହି ଦିନ ନିଜ ସାମର୍ଥ୍ୟ ଅନୁଯାୟୀ, ରାଶି, ସୁବର୍ଣ୍ଣ କିମ୍ବା ବସ୍ତ୍ରାଦି ଦାନ କରିବା ଉଚିତ। ଏହି ବ୍ରତ କରୁଥିବା ବ୍ୟକ୍ତି ସମଗ୍ର ଲୌକିକ ଦୁଃଖରୁ ମୁକ୍ତି ପାଇଥାଏ। ନୃସିଂହଙ୍କ ମନ୍ତ୍ର ‘ଓଁ ଉଗ୍ରଂ ବୀରଂ ମହାବିଷ୍ଣୁଂ ଜ୍ୱଳନ୍ତଂ ସର୍ବତୋମୁଖମ୍। ନୃସିଂହଂ ଭୀଷଣଂ ଭଦ୍ରଂ ମୃତ୍ୟୁ ମୃତ୍ୟୁଂ ନମାମ୍ୟହମ୍।’ ‘ଓଁ ନୃମ ନୃମ ନୃମ ନରସିଂହାୟ ନମଃ।’ ମନ୍ତ୍ର ଦ୍ୱାରା ମଧ୍ୟ ନୃସିଂହ ଭଗବାନଙ୍କୁ ଉପାସନା କରାଯାଇପାରିବ।

ଶ୍ରୀମଦ୍ ଭଗବତ୍ ଗୀତାର ଦଶମ ଅଧ୍ୟାୟ ୩୦ତମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ଉପଦେଶ ଛଳରେ ପାଣ୍ଡୁପୁତ୍ର ଅର୍ଜ୍ଜୁନଙ୍କୁ କହୁଛନ୍ତି ‘ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ କାଳଃ କଳୟତାମହମ୍। ମୃଗାଣାଂ ଚ ମୃଗେନ୍ଦ୍ରୋଽହଂ ବୈନତେୟଶ୍ଚ ପକ୍ଷୀଣାମଃ।’ ଅର୍ଥାତ୍ ଦୈତ୍ୟମାନଙ୍କ ମଧ୍ୟରୁ ମୁଁ ହେଉଛି ପ୍ରହ୍ଲାଦ ଏବଂ ଗଣନାକାରୀଙ୍କ ମଧ୍ୟରେ କାଳ ତଥା ମୁଁ ପଶୁ ମାନଙ୍କ ମଧ୍ୟରେ ସିଂହ ଓ ପକ୍ଷୀମାନଙ୍କ ମଧ୍ୟରେ ଗରୁଡ଼। ସହଜ ଅର୍ଥରେ କହିଲେ ଭଗବାନ ଶ୍ରୀକୃଷ୍ଣ ଭକ୍ତ ପ୍ରହ୍ଲାଦଙ୍କୁ ସର୍ବଶ୍ରେଷ୍ଠ ଦୈତ୍ୟ ରୂପେ ବର୍ଣ୍ଣନା କରିଛନ୍ତି। ପ୍ରହ୍ଲାଦଙ୍କ ପବିତ୍ର ଜୀବନ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ। ତାଙ୍କ ଜୀବନରୁ ଆମକୁ ଅନେକ ଶିକ୍ଷା ମିଳିଥାଏ। ଯେପରିକି - ସର୍ବଶକ୍ତିମାନ ଈଶ୍ୱରଙ୍କ ଠାରେ ସର୍ବଦା ବିଶ୍ୱାସ ରଖିବା ଉଚିତ। ନିଶ୍ଚଳ ଭକ୍ତି ପାଇଁ କୌଣସି ବୟସସୀମା ନଥାଏ। ଭଗବାନ ସର୍ବତ୍ର ବିରାଜମାନ କରିଥାନ୍ତି। ଭଗବାନ ସବୁବେଳେ ଉପସ୍ଥିତ ଥାଆନ୍ତି। ଈଶ୍ୱର ନିଜ ଭକ୍ତକୁ ସର୍ବଦା ରକ୍ଷା କରିଥାନ୍ତି। ଦୁଷ୍ଟମାନଙ୍କର ସଂହାର କରିଥାନ୍ତି। ଅଜ୍ଞାତରେ ହେଲେ ବି ସେ ଦୁହେଁ ଉପବାସ ରହିଛି ସେ ଦିନ ବ୍ରତ ପାଳନ କରିଥିବାରୁ ସମସ୍ତ ପାପରୁ ମୁକ୍ତ ହେଲେ। ପୁଣ୍ୟ ଅର୍ଜନ କରିଥିବାରୁ ଉକ୍ତ ଗଣିକା ବ୍ରତ ଫଳରୁ ଅପ୍‌ସରା ହୋଇ ସ୍ୱର୍ଗକୁ ଫେରିଗଲା। ଭକ୍ତ ପ୍ରହ୍ଲାଦ ହିରଣ୍ୟକଶିପୁର ପୁତ୍ର ରୂପେ ଜନ୍ମ ନେଇ ଶ୍ରୀବିଷ୍ଣୁଙ୍କ ପରମ ଭକ୍ତ ହେଲେ। ନୃସିଂହ ବ୍ରତ କଲେ ଭକ୍ତ ଦୀର୍ଘାୟୁ, ଧନ, ଐଶ୍ୱର୍ଯ୍ୟ ଲାଭ କରିଥାଏ। ମହିଳାମାନେ ସ୍ୱାମୀ-ସନ୍ତାନ ସୁଖ ପ୍ରାପ୍ତ କରିଥାନ୍ତି। ଏହି ଦିନ ପୁରୀ ଶ୍ରୀମନ୍ଦିରରେ ନୃସିଂହ ଜନ୍ମୋତ୍ସବ ପାଳନ କରାଯାଇଥାଏ।

**କର୍ମକାଣ୍ଡ ବିଶାରଦ ଓ ଜ୍ୟୋତିଷ ପରାମର୍ଶଦାତା,**
**‘ମା ଶାରଳା ଆଷ୍ଟ୍ରୋ ପଏଣ୍ଟ’**
**ସେକ୍ଟର-୭, ସିଡିଏ, କଟକ,**
**ଦୂରଭାଷ : ୭୦୦୮୦୦୦୮୯୮**



ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ପିଲାଙ୍କର ଗୁଳୁଗୁଳିରେ ଡାଇରିଆ



**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

ଡହ ଡହ ମୁଣ୍ଡ ଉପରେ ଖରା, ତତଲା ଝାଞ୍ଜିରେ ବାହାରକୁ ବାହାରିବା ବେଳକୁ ଦେହ ମୁଣ୍ଡ ପୋଡ଼ି ଦେଲାଭଳି ମନେ ହେଉଛି। ସକାଳ ଆଠଟାରୁ ଏକ ପ୍ରକାର ଓଡ଼ିଶା ଜଳିବା ଆରମ୍ଭ ହୋଇଯାଉଛି। ଭାରତର ସବୁଠୁ ଉତ୍ତପ୍ତ ସହର ଭାବେ ଝାରସୁଗୁଡ଼ା ୪୪.୬ ଡିଗ୍ରୀ ତାପମାତ୍ରାରେ ଗତକାଲି ଅର୍ଥାତ୍ ଅପ୍ରେଲ ୨୩ ତାରିଖରେ ରେକର୍ଡ଼ କରିଛି। କେବଳ ସେତିକି ନୁହେଁ ଓଡ଼ିଶାର ପାଖାପାଖି କୋଡିଏରୁ ଉର୍ଦ୍ଧ୍ୱ ସହରରେ ଦିନର ତାପମାତ୍ରା ୪୦ ଡିଗ୍ରୀରୁ ଅଧିକକୁ ଡେଉଁଛି। ଖରାବେଳ ସମୟରେ ତାତିର ଏକ ପ୍ରକାର ଭୟଙ୍କର କର୍ଫ୍ୟୁ କବଳକୁ ପୁରା ଓଡ଼ିଶା ଚାଲି ଆସୁଛି। ଦେଶରେ ଉତ୍ତପ୍ତ ସହର ତାଲିକାରେ ପ୍ରଥମ ଦଶ ମଧ୍ୟରେ ଓଡ଼ିଶାର ସ୍ଥାନ ଛଅ ନମ୍ବରରେ ରହିଛି। ରାତିରେ ମଧ୍ୟ ଅନେକ ଜିଲ୍ଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସରକାରୀ ଭାବେ ଅଠରଟି ଜିଲ୍ଲାରେ ୨୩ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି ଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଏ ସବୁ ଭିତରେ ସବୁଠାରୁ ବଡ଼ ଉଦବେଗର ପ୍ରସଙ୍ଗ ହେଉଛି ଯେ ଯେଉଁ ପ୍ରକାର ଗୁଳୁଗୁଳି ଅନୁଭୂତ ହେଉଛି ଏହାର ଭୟାନକ ପ୍ରଭାବ ଛୋଟପିଲା ଓ ବିଶେଷକରି ନବଜାତକଙ୍କ ଉପରେ ପଡୁଛି।



ସବୁ ଠିକ୍ ଚାଲିଥିବ, କିନ୍ତୁ ପିଲା ମାନଙ୍କ ପେଟ ସାମାନ୍ୟ ଗୋଳମାଳ ହୋଇଗଲେ ଆଉ କିଛି ଭଲ ଲାଗିବନି। ଟାଣ ଖରା ସାଙ୍ଗକୁ ପ୍ରବଳ ଗୁଳୁଗୁଳିରେ ପେଟ ଗୋଳମାଳ ହେବା କିଛି ନୂଆ କଥା ନୁହେଁ। ସମସ୍ୟା ଏହି ସମୟରେ ଡାଇରିଆ ଆଡ଼କୁ ମଧ୍ୟ ଚାଲିଯାଏ। ଯେ କୌଣସି ସମୟରେ ଯିଏ ବି ଏହାର ଶିକାର ହେବାର ଆଶଙ୍କା ରହିଥାଏ। ଖରାରେ ଖାଦ୍ୟ ସଂକ୍ରମଣ ଏବଂ ଅନ୍ୟ ଖାଦ୍ୟଜନିତ ସମସ୍ୟାରୁ ଏପରି ହୋଇପାରେ। ଏଥିରେ ଦିନକୁ ତିନିରୁ ଚାରିଥର ପତଳା ଝାଡ଼ା ହୋଇ କିଛି ଦିନ ଲାଗି ରହିଲେ ଶରୀରରୁ ଜଳୀୟ ଅଂଶ କମିଯାଏ। ଏହାଦ୍ୱାରା ଅବସ୍ଥା ଡିହାଇଡ୍ରେସନରେ ପହଞ୍ଚେ। ଓଜନ କମିଯାଏ। ତଳିପେଟରେ ଯନ୍ତ୍ରଣା, ପେଟ ଫୁଲିବା ଓ ମୁଣ୍ଡ ବୁଲାଇବା ଭଳି ଲକ୍ଷଣ ପ୍ରକାଶ ପାଏ। ସପ୍ତାହେ ଯାଏ ରହିଲେ ଅବସ୍ଥା ସାଂଘାତିକ ହୋଇଯାଏ। ସଂପ୍ରତି ଟାଣ ଖରା ଓ ଅଚାନକ କାଳବୈଶାଖୀ ପିଲାମାନଙ୍କ ସ୍ୱାସ୍ଥ ଅବସ୍ଥାକୁ ଅଧିକ ବିଗିଡ଼େଇବାର ସମ୍ଭାବନା ଥାଏ।

ପିଲା ମାନଙ୍କ ଡାଇରିଆ ପଛରେ ବିଭିନ୍ନ ପ୍ରକାର କାରଣ ରହିଛି। ସେଥିମଧ୍ୟରେ ରହୁଛି ଭାଇରାଲ କିମ୍ବା ବ୍ୟାକ୍ଟେରିଆଲ ସଂକ୍ରମଣ, ଫୁଡ୍ ଇନଟଲେରାନ୍ସ, ଦୂଷିତ ଖାଦ୍ୟ ଓ ପେନିସିଲିନ ଭଳି କିଛି ଔଷଧ, ଇଣ୍ଟେଷ୍ଟିନାଲ ବା ଅନ୍ତ୍ରଜନିତ ରୋଗ, ଇନଫ୍ଲାମେଟୋରୀ ବାଓ୍ୱେଲ ଡିଜିଜ କିମ୍ବା ସେଲିଆକ ଡିଜିଜ। ଷ୍ଟୋମାକ ସର୍ଜରୀ ବା ଗଲ ବ୍ଲାଡ଼ର ବାହାର କରିଦିଆଯିବା ପରେ ଡାଇରିଆରେ କିଛି ବ୍ୟକ୍ତି ପୀଡ଼ିତ ହୁଅନ୍ତି। ଗ୍ୟାସ ସୃଷ୍ଟି କରୁଥିବା ଖାଦ୍ୟ ବ୍ରୋକୋଲି, ଲଙ୍କା, ବିନ, ବେରିଜ, ଚିକେନ, ଶାଗ, କଫି, ଆଲକୋହଲ, କାର୍ବୋନେଟେଡ ଡ୍ରିଙ୍କସ୍ ସହ ରାସ୍ତାକଡ଼ରେ ବିକ୍ରି ହେଉଥିବା ମାଂସ କିମ୍ବା ମାଛ ଖାଇଲେ ଡାଇରିଆ ହେବାର ଆଶଙ୍କା ବେଶୀ।

ପ୍ରୋବାୟୋଟିକ୍ସ : ପ୍ରୋବାୟୋଟିକ୍ସରେ ଉପକାରୀ ବ୍ୟାକ୍ଟେରିଆ ରହିଛି। ଲହୁଣୀରେ ଥିବା ଲାକ୍ଟୋବାସିଲସ ଏସିଡୋଫିଲସ ଏବଂ ବିଫିଡୋବ୍ୟାକ୍ଟେରିୟମ ଡାଇରିଆ ଉପଶମ କରିବାରେ ସାହାଯ୍ୟ କରେ।

କଦଳୀ : ଡାଇରିଆ ହୋଇଥିଲେ ସୋଡିୟମ ଓ ପଟାସିୟମ ହଜମ କ୍ରିୟା ସ୍ୱାଭାବିକ କରିବାରେ ପ୍ରମୁଖ ଭୂମିକା ନିଭାଏ। ଏଣୁ କଦଳୀ ଖାଇବା ସବୁଠୁ ଭଲ। ଏହା ସହଜରେ ହଜମ ହେବା ସହ ଆବଶ୍ୟକ ସୋଡ଼ିୟମ ଓ ପଟାସିୟମ ଯୋଗାଇ ଦିଏ। ଡାଇରିଆ ପୁରା ଭଲ ହେବାଯାଏ କଦଳୀ ଖାଆନ୍ତୁ।

ଅଦା : ପାକସ୍ଥଳୀରେ ସମସ୍ୟା ରହିଥିଲେ ଅଦାରେ ଦୂର ହୋଇଯାଏ। ଅଦା ଚା ଦିନକୁ ଦୁଇ କିମ୍ବା ତିନିଥର ପିଅନ୍ତୁ। ଅଦାରସ ଚାମଚେ ମହୁରେ ମିଶାଇ ଖାଇପାରିବେ।

ମେଥି : ଡାଇରିଆ ଚିକିତ୍ସାରେ ଏହା ଲାଗେ। ଏଥିରେ ଅତ୍ୟଧିକ ସୁସିଲେଜ ରହିଛି ଯାହା ଆଣ୍ଟିଡାଇରିଆଲ ଭାବେ କାମ କରେ। ଚାମଚେ ଲହୁଣୀରେ ମେଥି ମିଶାଇ ଖାଆନ୍ତୁ। ସ୍ୱାଦ ଲାଗି ଅଳ୍ପ ଜିରା ପକାଇ ଖାଇପାରିବେ।

ଚାମୋମାଇଲ ଟି : ହଜମକ୍ରିୟାର ବିଭିନ୍ନ ଅଂଶକୁ ସହଜରେ ସକ୍ରିୟ ରଖିବାରେ ସାହାଯ୍ୟ କରେ ଚାମୋମାଇଲ ଚା। ଏହାଦ୍ୱାରା ଡାଇରିଆ ଶୀଘ୍ର ଉପଶମ ହୋଇଯାଏ।

ପାଣି : ସବୁଠୁଠାରୁ ଗୁରୁତ୍ୱପୂର୍ଣ୍ଣ ପାଣି। ଯେତେ ବେଶୀ ପାଣି ପିଅନ୍ତୁ। ଓରାଲ ପେଡ଼ିଆଟ୍ରିକ୍ସ ହାଇଡ୍ରେସନ ସଲ୍ୟୁସନ ପେଡ଼ିଆଲାଇଟ ପିଲାମାନଙ୍କୁ ଦିଆଯାଏ। ଏଥିରୁ ବି ଅଳ୍ପ ନେଇପାରିବେ।

ତୀବ୍ର ଟାଣ ଖରା, ଗୁଳୁଗୁଳି ଓ ପାଣିପାଗର ଅସ୍ୱାଭାବିକ ଅବସ୍ଥା ସହ ଯଥେଷ୍ଟ ପରିମାଣର ଶରୀରରୁ ଜଳୀୟ ଅଂଶ କମିଗଲେ ପିଲାମାନଙ୍କ ପାଇଁ ବର୍ତ୍ତମାନ ସମୟରେ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇ ପାରେ। ଖରାଦିନେ ସବୁବେଳେ ପିଲାଟି କିପରି ନିର୍ଦ୍ଦିଷ୍ଟ ସମୟ ଅବଧାନରେ ବିଶୋଧିତ ପାଣି ପିଉଛି ସେ ଦିଗକୁ ଦେଖନ୍ତୁ। ବଜାରର ଥଣ୍ଡା ପାନୀୟ, ଥଣ୍ଡା ଖାଦ୍ୟ ଠାରୁ ଯଥା ସମ୍ଭବ ଦୂରେଇ ବରଂ ଘରୋଇ ପ୍ରସ୍ତୁତ ପାନୀୟ ଦିଅନ୍ତୁ। କେତେକ ପିଲାଙ୍କର ଡାଇରିଆ ପ୍ରଭାବରେ ପରିସ୍ରା ଜନିତ ସମସ୍ୟା ମଧ୍ୟ ଦେଖାଯାଏ। ପରିସ୍ରା ଜଳାପୋଡ଼ା ହୁଏ, ଅଳ୍ପ ପରିସ୍ରା ଆସେ ଏବଂ ଅଧିକ କ୍ଷତିକାରକ ହୋଇଥିଲେ ପରିସ୍ରାର ରଙ୍ଗ ତୀବ୍ର ହଳଦିଆ ହୋଇଥାଏ। ତେବେ ଏ ସବୁ କ୍ଷେତ୍ରରେ କୌଣସି ପ୍ରକାର ଭୟଭୀତ ନହୋଇ ସରକାରୀ ସ୍ୱାସ୍ଥ୍ୟସେବାର ସୁଯୋଗ ନିଅନ୍ତୁ। ଦେଶୀ ଚିକିତ୍ସା, ଗୁଣୀଗାରେଡ଼ି ବିଶ୍ୱାସ ଏ ସବୁ ଆଦୌ ରଖନ୍ତୁ ନାହିଁ। ପିଲାଟିକୁ ଡାଇରିଆ, ଅଂଶୁଘାତ ଯେ କୌଣସି ସମସ୍ୟା ହେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାର ସୁଯୋଗ ନିଅନ୍ତୁ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ,**
**ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,**
E-mail :
drjyotiranjanchampatray123@gmail.com



ମହକ

## ସଦା ବସନ୍ତ... ଚିର ବସନ୍ତ... ଅନେକ ବସନ୍ତ... ସର୍ବତ୍ର ବସନ୍ତ :

# ସମାଜସେବୀ ଇଂ.ବସନ୍ତ କୁମାର ରାଉତ



ଆମ ଗହଣରେ ଅନେକ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁ ମାନେ ନିଜର ମହତ୍ କର୍ମ, ଉଚ୍ଚାଙ୍ଗ ଚିନ୍ତା ଚେତନା, ଆଚାର, ବ୍ୟବହାର, ଚାଲିଚଳନ, ସଂସ୍କାର, ସୁଶିକ୍ଷା, ତ୍ୟାଗ ଆଦି ଅତି ମାନବୀୟ ଶୋଭନୀୟ ଭାବଧାରା ନେଇ ମହାନ୍ ହୋଇ ଉଠେ ଆଉ ବିଦ୍ୱାନ ସର୍ବତ୍ର ପୂଜ୍ୟତେ ନ୍ୟାୟରେ ସବୁଠି ପୂଜାପାଏ । ସେହି ମାନଙ୍କ ଜୀବନୀ ଦର୍ଶନ ଅଧୁନା ଆମ ସମୟର ବିକଶିତ ମାନବର ଯୁଗ ପାଇଁ ଏକ ବଳିଷ୍ଠ ଆହ୍ୱାନ । ସେହିଭଳି ଆମ ସମୟର ଜଣେ ମହାନ୍ ଅମାୟିକ ତଥା ଧର୍ମପ୍ରାଣ ବ୍ୟକ୍ତିତ୍ୱ, ବିଶିଷ୍ଟ ସମାଜସେବୀ, ଅତ୍ୟନ୍ତ ନମ୍ର ଆଉ ଭଦ୍ର, ଅନନ୍ୟ ଆଦର୍ଶରେ ପରିବ୍ୟାପ୍ତ, ଦୟାଳୁ, ପରୋପକାରୀ, ମିଷ୍ଟଭାଷୀ, ସମସ୍ତଙ୍କର ଅତ୍ୟନ୍ତ ପ୍ରିୟ, ସଜ୍ଜନଶୀଳ, ପରମ ସମ୍ମାନନୀୟ, ଜ୍ଞାନୀ ଗୁଣୀ ପ୍ରତିଭା ହେଉଛନ୍ତି ଗବେଷକ ଇଞ୍ଜିନିୟର ବସନ୍ତ କୁମାର ରାଉତ ମହୋଦୟ। ବୃତ୍ତିରେ ସେ ଜଣେ ଯନ୍ତ୍ରୀ କିନ୍ତୁ ପ୍ରବୃତ୍ତି ହେଉଛି ତାଙ୍କର ସମାଜସେବା ଆଉ ଜଣେ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ। କଟକ ଜିଲ୍ଲା ସାଲେପୁର ବ୍ଲକ କିଶନନଗର ଥାନା ଅନ୍ତର୍ଗତ ସୋଗଲ ଗ୍ରାମରେ ତାଙ୍କର ଜନ୍ମ। ଗ୍ରାମ ସ୍କୁଲ ନୀଳକଣ୍ଠେଶ୍ୱର ଉପ୍ରା ବିଦ୍ୟାଳୟ ସୋଗଲରୁ ବାଲ୍ୟଶିକ୍ଷା ଆରମ୍ଭ କରି ତୋଟାପଡ଼ା ଉଦୟପୁର ସ୍ଥିର ସୁରେନ୍ଦ୍ର ନାଥ ବିଦ୍ୟାପୀଠରୁ ମାଟ୍ରିକ, ନେମାଳ କଲେଜରୁ ଯୁକ୍ତ ଦୁଇ କଳା ପାଠ୍ୟକ୍ରମ ସାରିଲା ପରେ ବୈଷୟିକ ବିଦ୍ୟାରେ ଉଚ୍ଚ ଶିକ୍ଷା ଲାଭ କରିବା ପୂର୍ବକ ଓଡ଼ିଶା ବାହାରେ ବହୁ ପ୍ରତିଷ୍ଠିତ ଉଦ୍ୟୋଗ ମାନଙ୍କରେ ଏମଇପି (ମେକାନିକାଲ ଇଲେକ୍ଟ୍ରିକାଲ ଆଣ୍ଡ ପ୍ଲମ୍ବିଂ) ବିଭାଗର୍ରେ ବିଶେଷ କରି ଜଳ ଯୋଗାଣ (ପ୍ଲମ୍ବିଂ) ଏବଂ ଅଗ୍ନୀ ନିର୍ବାପକ (ଫାୟାର ଫାଇଟିଂ) ଦିଗରେ କାର୍ଯ୍ୟ କରି ଏହି ଦିଗରେ ବହୁ ସଫଳତା ଲାଭ କରିଛନ୍ତି। ସେ ଜଣେ ଏପରି ମଣିଷ ଯାହାଙ୍କର ଜ୍ଞାନର ପରିସୀମା ବ୍ୟାପକ ଆଉ ସବୁଠି ପ୍ରସାରିତ। ବୈଷୟିକ ଜ୍ଞାନ କୌଶଳ ବା ଜ୍ଞାନ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟାରେ ତାଙ୍କର ରହିଛି ବହୁ ଅଭିଜ୍ଞତା ଏପରିକି ତାଙ୍କ ସହ କାର୍ଯ୍ୟ କରୁଥିବା କର୍ମଚାରୀ ବା ସହଯୋଗୀ ମାନେ ତାଙ୍କୁ ଗୁଗୁଲ ସାର ବୋଲି କୁହନ୍ତି । ଯେକୌଣସି ପରିସ୍ଥିତିରେ ବା କୌଣସି କାର୍ଯ୍ୟକୁ ସେ ସଠିକ୍ ଭାବରେ ସମ୍ପାଦନ କରନ୍ତି ଆଉ ବହୁ ସମସ୍ୟାରେ ଉପଯୁକ୍ତ ସମାଧାନର ରାସ୍ତା ବା ପନ୍ଥା ବାହାର କରନ୍ତି । ସେ ଜଣେ ଦକ୍ଷ ଖ୍ୟାତି ସମ୍ପନ୍ନ ଏମଇପି ମ୍ୟାନେଜର ଭାବେ ତଥା ସେ କାର୍ଯ୍ୟ କରୁଥିବା କମ୍ପାନୀ ମାନଙ୍କରେ ତାଙ୍କର ରହିଛି ଖୁବ୍ ସୁଖ୍ୟାତି, ଉଚ୍ଚ ପ୍ରଶଂସା ଆଉ ସୁନାମ। ସେ ପିଏଚଇ (ପବ୍ଲିକ ହେଲ୍ଥ ଇଞ୍ଜିନିୟରିଂ) ବା ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ବିଦ୍ୟା ଦିଗରେ ମଧ ବହୁ ଯନ୍ତ୍ରୀ ମାନଙ୍କୁ ପ୍ରଶିକ୍ଷଣ ବା ଟ୍ରେନିଂ ପ୍ରଦାନ ସହ ବହୁ ଆବଶ୍ୟକୀୟ ଜ୍ଞାନ କୌଶଳ ପ୍ରଦାନ କରିଥାନ୍ତି ଏଥି ସହ ଡିଜାଇନ ଆଉ କନ୍ସଲ୍ଟିଂ ଦିଗରେ ଉପଯୁକ୍ତ ମାର୍ଗଦର୍ଶନ କରାଇ ଥାଆନ୍ତି । ଶିକ୍ଷିତ ଯୁବପିଢିଙ୍କୁ କର୍ମ ସଂସ୍ଥାନ ଯୋଗାଇ ବାହ୍ୟ ଦୃଷ୍ଟି କୋଣରୁ ଏଂ ଆର୍ଥିକ ସ୍ଥିତିକୁ କରିଛନ୍ତି ସମୃଦ୍ଧ ଆଉ ବିକଶିତ। ସେ ନିଜ ଅଞ୍ଚଳର ବିକାଶ, ଧାର୍ମିକ କାର୍ଯ୍ୟରେ ଯଥୋଚିତ ସହଯୋଗ, ବହୁ ସାମାଜିକ ସଂଗଠନ ସହ ଜଡିତ ରହି ଅନେକ ସେବା କାର୍ଯ୍ୟକୁ ଅଗ୍ରସର କରାଇବା, କଳା, ସାହିତ୍ୟ, ସଂସ୍କୃତିର ବିକାଶ ଦିଗରେ ନିଜର ଶ୍ରମ ଓ ସମୟ ଦାନ କରିବା ଆଦି ଅନେକ ଭଲ କାର୍ଯ୍ୟର ସେ ଅନନ୍ୟ ସୂତ୍ରଧର ଆଉ ଗ୍ରାମ୍ୟ ସଂସ୍କୃତି ପରମ୍ପରାକୁ ବଞ୍ଚାଇ ରଖିବାରେ ଯୁଗାନ୍ତକରୀ ପଦକ୍ଷେପ ନେଇଛନ୍ତି । ତାଙ୍କ ପରିବାର ସମସ୍ତ ସଦସ୍ୟ ମଧ୍ୟ ତାଙ୍କୁ ଖୁବ୍ ଉତ୍ସାହ ପ୍ରଦାନ କରୁଛନ୍ତି । ତାଙ୍କ ପିତା ବରିଷ୍ଠ ସମାଜସେବୀ ବହ୍ଳବ ଚରଣ ରାଉତ ଓ ମାତା ଦିବଂଗତ ସଂଯୁକ୍ତା ରାଉତଙ୍କ ଆଦର୍ଶ ତାଙ୍କ ଜୀବନରେ ପ୍ରତିଫଳିତ ଏହା ସ୍ୱଷ୍ଟ ଅନୁମେୟ। ନିଜ ମା'ଙ୍କ ନାମରେ ସଂଯୁକ୍ତା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ଗଠନ କରି ସେ ମାତାଙ୍କ ସ୍ମୃତିକୁ ଉଜ୍ଜୀବିତ କରିବା ସହିତ ଅନେକ ଜନ ମଙ୍ଗଳ କାର୍ଯ୍ୟ କରୁଛନ୍ତି । ଏପରିକି ତାଙ୍କ ପୁଅ, ଝିଅ କିମ୍ବା ସମ୍ପର୍କୀୟଙ୍କ ପିଲାମାନଙ୍କର ଜନ୍ମଦିନ, ଘରର ବିଶେଷ ଦିନ ପର୍ବ ଆଦିରେ ସେ ବହୁ ଆଶ୍ରମ ଆଦି ଯାଇ ସେଠାରେ ପାଳନ କରନ୍ତି ଏହା ସମାଜ ପାଇଁ ନିଶ୍ଚୟ ପ୍ରେରଣା ବା ଉଦାହରଣ।



ସମାଜ ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନ ନେଇ ସେ ରାଜ୍ୟ ଏବଂ ରାଜ୍ୟ ବାହାରେ ଉଚ୍ଚ ପ୍ରଶଂସିତ ଆଉ ସମ୍ବର୍ଦ୍ଧିତ। ତାଙ୍କର ଆଶୀର୍ବାଦ, ପ୍ରେରଣା, ସଂସ୍ପର୍ଶ ଓ ସୌହାର୍ଦ୍ଦ୍ୟ ସବୁବେଳେ ଆମ ଯୁବ ସମାଜ ପାଇଁ ସାଇତା ସମ୍ପଦ। ଆଜି ବସନ୍ତ ଗୁରୁଜୀଙ୍କ ସେବା, ଅନ୍ୟ ପ୍ରତି ମହାନତା ବା ତ୍ୟାଗ ,ସାହାଯ୍ୟ, ମଣିଷକୁ ନିର୍ଭେଜାଲ୍ ଭଲ ପାଇବା କଥା ମନରେ ଆସିଲେ ପୂଜ୍ୟାପଦ ପ୍ରାତଃ ସ୍ମରଣୀୟ ସନ୍ଧ୍ୟା ବନ୍ଦନୀୟ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁଙ୍କ 'ପର ହିତେ ପ୍ରାଣ' ପ୍ରସଙ୍ଗ କଥା ମନେପଡେ ସେ ଜମିଦାରଙ୍କ ଅତିଥି ଭାବେ ଖାଇ ବସିବା ବେଳେ ହଠାତ୍ ଜଣ ଅନ୍ନକାଙ୍ଗାଳ ଲୋକର କରୁଣ ବିଳାପ ଶୁଣି ଗୋପବନ୍ଧୁ ନିଜ ଖାଇବା ପତ୍ର ଉଠେଇ ନେଇ ସେଇ ଦୁଃଖି ଲୋକଟିର କ୍ଷୁଧା ନିବାରଣ କରିଥିଲେ। ଏହି ମର୍ମରେ ସନ୍ଥକବି ଭୀମ ଭୋଇଙ୍କ ଜନ ସେବା ଜନ ମଙ୍ଗଳ ପାଇଁ ଶ୍ରେଷ୍ଠ ସଂଗୀତ ଗାଇ ଉଠିବା 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ।' ଏହି କର୍ମଯୋଗୀ,ପୂଜ୍ୟପୂଜାର ଅଗ୍ରଦୂତ ସାର୍ଥକ ସାରଥୀ, ଉଚ୍ଚମନା ଉଦାରପ୍ରାଣ ଇଂ.ବସନ୍ତ ଜୀଙ୍କର ଦୀର୍ଘ ଓ ନିରାମୟ ଜୀବନ ଲାଗି କୋଟି ପ୍ରାର୍ଥନା କରୁଛୁ।



---

**ଏହି ସପ୍ତାହ, ସେହି ବର୍ଷ (ମେ' ୩-୯)**

**ଏଇ ସପ୍ତାହ**

ମେ' ୩, ୧୮୩୭-ଏଥେନ୍ସ ବିଶ୍ୱବିଦ୍ୟାଳୟର ସ୍ଥାପନା ହୋଇଥିଲା।




ମେ' ୪, ୧୯୫୯- ପ୍ରଥମ ଗ୍ରେମୀ ଆୱାର୍ଡସ୍‌ର ଆୟୋଜନ କରାଯାଇଥିଲା।



ମେ' ୫, ୧୮୩୬- ବେଲ୍‌ଜିୟମ୍‌ରେ ୟୁରୋପର ପ୍ରଥମ ରେଳ ଲାଇନ୍ ଆରମ୍ଭ ହୋଇଥିଲା।




ମେ' ୬, ୧୮୪୧- ଜୋସେଫ୍ ଷ୍ଟାଲିନ୍ ରୁଷ୍‌ର ପ୍ରଧାନମନ୍ତ୍ରୀ ହୋଇଥିଲେ।



ମେ' ୭, ୧୬୬୩ -ଲଣ୍ଡନ ଠାରେ ରୟାଲ୍ ନାମରେ ପ୍ରଥମ ଥିଏଟର୍ ଖୋଲାଯାଇଥିଲା।



ମେ' ୮, ୧୮୯୮- ଇଟାଲିଆନ୍ ଫୁଟ୍‌ବଲ୍ ଲିଗ୍‌ର ପ୍ରଥମ ମ୍ୟାଚ୍ ଖେଳାଯାଇଥିଲା।



ମେ' ୯, ୧୯୪୭- ବିଶ୍ୱ ବ୍ୟାଙ୍କ୍ ତା'ର ପ୍ରଥମ ଋଣ ଫ୍ରାନ୍ସକୁ ଦେଇଥିଲା।





# ଅଚ୍ୟୁତଙ୍କ ଜୀବନ ଗୀତା...

## ମୋ ମାଆ ମୋ ପ୍ରେରଣା

ଆଲେଖ୍ୟ : ଶ୍ରୀଗୋବିନ୍ଦ

ମାଆ ବିନା ଜୀବନ ଯେମିତି ଶୂନ୍ୟ...ସେମିତି ବି ବିଶ୍ୱର ଅସ୍ତିତ୍ୱ କଳ୍ପନା କରାଯାଇ ନପାରେ। କେବଳ ମାଆ ମାତୃତ୍ୱକୁ ନେଇ ଗର୍ବିତ ନୁହେଁ, ବରଂ ସନ୍ତାନର ଲାଳନ ପାଳନ ସହିତ କୋଟିଏରୁ ଗୋଟିଏ କରି ଗଢ଼ିବାର ଯେଉଁ ଭୂମିକା ଥାଏ, ତାହା ଅକଳନୀୟ। ସମସ୍ତଙ୍କ ଜୀବନରେ ମାଆ ହିଁ ଯଥେଷ୍ଟ ଗୁରୁତ୍ୱ ବହନ କରିଥାଏ। ସେହିଭଳି ଡ. ଅଚ୍ୟୁତ ସାମନ୍ତଙ୍କ ସଫଳତା ପଛରେ ମାତା ନୀଳିମାରାଣୀଙ୍କର ଯେଉଁ ଅବଦାନ ରହିଛି, ତାହା ସମସ୍ତଙ୍କ ପାଇଁ ଏକ ଉଦାହରଣ। ବାଲ୍ୟକାଳରୁ ସଫଳତାର ଶୀର୍ଷରେ ପହଞ୍ଚିବା ଯାଏ, ଯେଉଁ ଯେଉଁ ସବୁ ପ୍ରତିକୂଳ ପରିସ୍ଥିତି ଓ ପରିବେଶ ଦେଇ ଅତିକ୍ରମୀ ବିଶ୍ୱରେ ଜଣେ ଅନ୍ୟତମ ଶ୍ରେଷ୍ଠ ବ୍ୟକ୍ତିତ୍ୱ ଭାବରେ ଛିଡ଼ା କରେଇ ପାରିଛନ୍ତି, ନୀଳିମାରାଣୀଙ୍କ ଉପରେ ଡ. ସାମନ୍ତ ଲେଖିଥିବା ପୁସ୍ତକ ଜୀବନ ଗୀତା ସଦୃଶ। ଜୀବନର ଅନେକ ଘାତ ପ୍ରତିଘାତକୁ ସାମ୍ନା କରି ନୀଳିମାରାଣୀ କିଭଳି ଭାବରେ ସେମାନଙ୍କୁ ପ୍ରତିଷ୍ଠିତ କରିପାରିଛନ୍ତି, ତାହାର ନିଛକ କଥା ଉପସ୍ଥାପନା କରି ସମସ୍ତଙ୍କର ଆଖି ଛଳଛଳ କରିଦେଇଛନ୍ତି। ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରେରଣା ନେବାକୁ କେବଳ ସାମନ୍ତଙ୍କ ପାଇଁ ଜୀବନ ଗୀତା ନୁହେଁ ବରଂ ସବୁବର୍ଗର ପାଠକଙ୍କ ପାଇଁ ଏହା ଭାବାପ୍ଲୋଳ ଆବେଗର ଆଲେଖ୍ୟ।

ଡ.ସାମନ୍ତ ତାଙ୍କ ଜୀବନର ଅଧ୍ୟାୟ ଅଧ୍ୟାୟ ମଧ୍ୟରେ ସବୁଠି ସେ ମାଆଙ୍କର ଅବଦାନର ପ୍ରତିଛବିକୁ ନିଜ ଭାବନାରେ କାନ୍‌ଭାସରେ ତୋଳି ଧରିଛନ୍ତି। ତାଙ୍କ ପାଇଁ ତାଙ୍କ ମାଆ ହେଉଛନ୍ତି, ସ୍ୱୟଂ ସମ୍ପୂର୍ଣ୍ଣା ଧରତୀ ମାତା। ତାଙ୍କ ଜୀବନ କୋଷିକାରେ ହେଉ ଅବା ରକ୍ତର ଶିରାପ୍ରଶିରାରେ ସେ ଅନୁଭବ କରିପାରନ୍ତି ପ୍ରତି ସ୍ପନ୍ଦନେ, ପ୍ରତିକ୍ଷଣେ ମାଆର ଅନୁଭବ। ଦୁଃଖରେ ହେଉକି ସୁଖରେ ଆଖିର ଅନୁକୋଣରୁ ଯେଉଁ ଅଶ୍ରୁ ଝରିପଡ଼େ, ତାଙ୍କ ମାଆଙ୍କ ବରଦାନ ମୁକ୍ତାବିନ୍ଦୁର ଲୁହ। କୋହ ହେଉ କି କାତରତା ତାଙ୍କ ସଫଳତାର ମହାର୍ଘ୍ୟ ଅନୁଭବ। କେଉଁ ବିନିଷ୍ଟ ଶକ୍ତି କି ପାପାଚାରର ପ୍ରତ୍ୟର୍ପଣତା ହଲେଇ ଦେଇପାରେ ନାହିଁ ଥରେଇ ଦେଇପାରେନାହିଁ, ସାମାଜିକତାର ବଟବୃକ୍ଷ କରି ନିଜକୁ ଯେଭଳି ଭାବରେ ଛିଡ଼ା କରେଇ ପାରିଛନ୍ତି। ସେସବୁ ପଛରେ କେବଳ ନିଜ ମାଆ ହିଁ ଆକାଶେ ପଣତ ଘୋଡ଼େଇ ତାଙ୍କୁ ସୁରକ୍ଷା ଦେଇ ଆଜି ବି ସମୟର ଛାୟାପଥରେ ଛିଡ଼ା ହୋଇଛନ୍ତି। ସେଥିପାଇଁ ତ ସେ ସର୍ବଦା ଋଣୀ ଓ କୃତଜ୍ଞ ବୋଲି ନିଜ ପୁସ୍ତକର ପ୍ରତିଟି ପୃଷ୍ଠାର ପ୍ରାଣ ସ୍ପନ୍ଦନରେ ଲେଖିଛନ୍ତି। କଲରାବାଙ୍କର ଶେଫାଳି ଅସଜଡ଼ା ସମୟର ହାତ ଧରି ସଜଡ଼ା ପୃଥିବୀରେ ଜଣେ ଦାୟାଦକୁ ପୌରହତ୍ୟ କରିବା ପାଇଁ ଛାଡ଼ିଦେଇଯିବେ, ସେ ଯେମିତି ପୂର୍ବ ନିର୍ଦ୍ଧାରିତ ସୂତ୍ରରୁ ଜାଣିଥିଲେ। ସେ ବୋଧେ ପଢ଼ିପାରିଥିଲେ, କପାଳର ଭାଗ୍ୟରେଖା। ଦୁଃଖ, ଦାରିଦ୍ର୍ୟ, ଦୈନତା ସେଥିପାଇଁ କୌଣସି ବେଢ଼ି ପକାଇ ପାରି ନଥିଲା ବଢୁଥିବା ସମୟର ପାଦରେ। ଯାହା ନିର୍ଦ୍ଧାରିତ, ତାହା ବା କିପରି ଆନ ହୋଇପାରିବ। ବେଣୀ ସଂହାରରେ କର୍ଣ୍ଣ କହିଲା ଭଳି ‘ନୀଚ କୂଳରେ ଜନ୍ମ ଦୈବର ଅଧୀନ, ପୁରୁଷକାର ମୋର ଅଧୀନ’ ଭଳି...ସେ ନିଜର ପୁରୁଷକାର ବଳରେ ଯେଉଁ ସାମ୍ରାଜ୍ୟ ସୃଷ୍ଟି କରିଯାଇଛନ୍ତି, ଆଖି ପାଇବା ତ ଦୂରର କଥା, କଳନା ମଧ୍ୟ କରିହୁଏନାହିଁ। କଲରାବାଙ୍କର ନୀଳିମାରାଣୀ ଆଜି କାଳକୁ ଜୟ କରିଥିବା ଜଣେ ଅର୍ଜ୍ଜୁନ ହାତରେ ଯେଉଁ ଗାଣ୍ଡିବ ଧରେଇ ଯାଇଛନ୍ତି, ସେହି ପୌରୁଷତାର ଜୟ ଜୟକାର ଧ୍ୱନୀ ସବୁଆଡ଼େ ଗଗନ ପବନ ପ୍ରକମ୍ପିତ କରି ଚାଲିଛି।

ଅକାଳରେ ସ୍ୱାମୀଙ୍କୁ ହରେଇବାରେ ପରେ ନୀଳିମାରାଣୀ କିନ୍ତୁ ହାରି ଯାଇ ନଥିଲେ। ନିଜକୁ ଦମ୍ଭ କରି ଗୋଡ଼ ଟାଣ କରି ଆଗେଇ ଯାଇଥିଲେ ପିଲାଙ୍କୁ କେମିତି ମଣିଷ କରିହେବ। ଅନେକ ଅଭାବ, ଅନଟନକୁ ସାମ୍ନା କରି କେବଳ ପିଲାଙ୍କ ମୁହଁରେ ଟିକେ ହସ ଦେଖିବାକୁ ନୁହେଁ ବରଂ ମଣିଷ କରିବାକୁ ଅଣ୍ଟା ଭିଡ଼ିଥିଲେ। ସେ ହି ସଂଘର୍ଷ ଜୀବନର କାହାଣୀକୁ ଡ. ସାମନ୍ତ ଅତି ନିରୁତା ଭାବରେ ବର୍ଣ୍ଣନା କରିଛନ୍ତି। କିଭଳି ସେ ଏତେ ବାଟ ଅତିକ୍ରମ କରି ସଫଳତାର ସ୍ୱାଦ ଚାଖିଲେ, ତାହା କହିବାକୁ ଯାଇ ନିଜ ମା’ଙ୍କର ଅବଦାନକୁ ଯେଭଳି ଭାବରେ ପ୍ରାଞ୍ଜଳ କରି ବର୍ଣ୍ଣନା କରିଛନ୍ତି, ତାହା ପ୍ରତ୍ୟେକ ପାଠକଙ୍କର ଜାଣିବା ଦରକାର ବୋଲି ମନେହୁଏ। ସଂଘର୍ଷ ସହିତ ଜୀବନକୁ ସମାନ୍ତରାଳ କରି ଗତିପଥକୁ ସ୍ଥିର ନିଶ୍ଚଳ ରଖିବା ଓ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସହଜ ନହେଲେ ବି ସେ ତାଙ୍କ ମାଆଙ୍କ ଦ୍ୱାରା ଏତେ ସୁଯୋଗ ପାଇଛନ୍ତି, ଏସବୁ କଥା ବର୍ଣ୍ଣନା କଲାବେଳେ ସେ ଛଳଛଳ ହୋଇଯାଇଛନ୍ତି।

ଏହିକଥା କହିବାକୁ ଯାଇ କହିଛନ୍ତି ଏହି ପୁସ୍ତକରେ- ‘ଆମବାପାଙ୍କର ପରଲୋକ ସେହିପରି ଏକ ଅଘଟଣ, ଯାହା ଆମ ପାଦତଳୁ ମାଟି ଖେଇ ଦେଇଥିଲା। ଚର୍ତ୍ତୁଦିଗ ଅନ୍ଧାର, ରାହା ନାହିଁ କି ସାହା ନାହିଁ।’

ଝିଅ ଇତିନା(ଇତି) ସହିତ ନୀଳିମାରାଣୀ ଶୋଇପଡ଼ିଥିଲେ। ଶୁକୁଟା(ଅଚ୍ୟୁତ)ର ଡ଼ାକ ତାଙ୍କ ନିଦ ଭାଙ୍ଗି ପାରି ନଥିଲା। ସେ ପୁଣି ଥରେ ଡ଼ାକିଲା, ‘ମା, ମୋତେ କଣ ଖାଇବାକୁ ଦିଅ ? ବହୁତ ଭୋକ। ପେଟ ପୋଡ଼ି ଯାଉଛି।’....

....ନିଦୁଆ ଆଖିକୁ ମଳି ମଳି କିଛି କ୍ଷଣ ଶୁକୁଟା ଆଡ଼କୁ ଚାହିଁଲେ। ‘ରୋଷେଇଘରକୁ ଯାଆ ଶୁକୁଟା, ତୋ ପାଇଁ କିଛି ଖୁଦ ଜାଉ ରଖିଛି, ସବୁତକ ଖାଇଦେବୁ ଯାଆ।’

ଏସବୁ କୌଣସି ସିନେମାର ସଂଳାପ ହୋଇ ନପାରେ। ନିଜ ଜୀବନରେ ବିତାଇଥିବା ସବୁଠାରୁ ବିଷାଦ ସମୟକୁ କିଭଳି ଅଙ୍ଗେ ଅଙ୍ଗେ ନିଭାଇଛନ୍ତି, ତାହା ଏଠାରେ ବର୍ଣ୍ଣନା କରାଯାଇଛି। ଦୁଃଖ ଓ ଦୈନ୍ୟ ସିନା ସହଚର ଥିଲା କିନ୍ତୁ ନୀଳିମାରାଣୀଙ୍କର

ଯେଉଁ ଧୈର୍ଯ୍ୟ ମନ ଭିତରେ ରହିଥିଲା, ଜାଉ ଗଣ୍ଡାକ ଯୋଗାଡ଼ କରି ପିଲାଙ୍କ ମୁହଁରେ ଦେବା ଥିଲା କାଠିକର ପାଠ। ସମୟ ଏମିତି ଦୋଛକିରେ ଛିଡ଼ା କରେଇ ଦେଇଥିଲା, ନୀଳିମାରାଣୀ ନିରୁପାୟ ଥିଲେ ବି ମନର ବଳ ତାଙ୍କୁ ବାଟ ଚାଲିବାକୁ ଓ ପିଲାଙ୍କୁ ମଣିଷ କରିବାରେ ଅନେକ ସାହାଯ୍ୟ କରି ପାରିଥିଲା।

ଯେଉଁ ବ୍ୟକ୍ତି ସ୍କୁଲରେ ନାଁ ଲେଖେଇବାକୁ ଟଙ୍କାଟିଏ ପାଉ ନଥିଲେ କି ସ୍କୁଲର ମାଡ଼ି ମାଡ଼ିବା କଷ୍ଟ ହେଉଥିଲା। ସେ ଆଜି ବିଶ୍ୱର ଲକ୍ଷ ଲକ୍ଷ ଛାତ୍ରଙ୍କୁ ବଡ଼ ମଣିଷ କରେଇବାରେ ସଫଳ ହୋଇପାରିଛନ୍ତି। କେବଳ ଏତିକି ନୁହେଁ ଲକ୍ଷ ଲକ୍ଷ ଆର୍ଥିକ ଅନଗ୍ରସର, ଜନଜାତି ଓ ଉପଜାତିର ପିଲାଙ୍କୁ ନିଜ ତତ୍ତ୍ୱାବଧାନରେ ରଖି ଖାଇବା, ପିଇବା, ରହିବା ସହ ପାଠ ପଢ଼େଇ ସେମାନଙ୍କ ଆଖିରେ ସୁନେଲୀ ସ୍ୱପ୍ନ ଭରି ଦେଇଛନ୍ତି, ସେହି ବ୍ୟକ୍ତିଙ୍କର ବାଲ୍ୟ ଜୀବନ ଦେଖିଲେ, କେତେ ଯେ କଷ୍ଟ ସହିବାକୁ ନପଡ଼ିଛି !

ନିଜେ ଏହି ପୁସ୍ତକରେ ସେ ସମୟରେ ଝଲକଟିଏ ଦେଇଛନ୍ତି। ଦିନେ ସେ ମାଆଙ୍କ ପାଖରେ ଅଳି କରିଥିଲେ କି ଗାଁର ଅନ୍ୟପିଲାଙ୍କ ଭଳି ଏବଂ ତା’ ବଡ଼



ଭାଇଭଉଣୀଙ୍କ ପରି ସେ କାହିଁକି ସ୍କୁଲ ଯାଉନାହିଁ। ତାକୁ ମା’ ବୁଝେଇ ଦେଇଥିଲେ କି, ତାଙ୍କର ଦାରିଦ୍ର୍ୟ ହିଁ ତାଙ୍କୁ ଏପରି ସ୍କୁଲ ନଛାଡ଼ିବା ପାଇଁ ବାଧ୍ୟ କରିଛି। ସେହି ଦିନଠାରୁ ଶୁକୁଟା ଆଉ ସେ ବିଷୟରେ କିଛି ପଚାରି ନାହିଁ। ଏମିତି ଏକ ଘଟଣା ଘଟିଥିଲା, ଯାହାକି ତାଙ୍କୁ ସ୍କୁଲ ଯିବାକୁ ବାଟ ଫିଟିଯାଇଥିଲା। ଦିନେ ପାଚେରୀ ଡ଼େଇଁ ବଗୁଲିଆ ପିଲାଙ୍କ ସହ ସ୍କୁଲ ହତାରେ ଖେଳୁଥିବା ସମୟରେ ଜଣେ ଶିକ୍ଷକଙ୍କ ନଜରକୁ ଆସିଥିଲେ। ସେ ମହନୀୟ ଶିକ୍ଷକଙ୍କ ସହଯୋଗ ଓ ଉଦ୍ୟମ ପାଇଁ ସ୍କୁଲ ଯିବା ତାଙ୍କର ସମ୍ଭବ ହୋଇପାରିଥିଲା।

.....ଶିଶୁଟିକୁ ଶିକ୍ଷକ ଚାହିଁଲେ, ତାର ସରଳତା ଓ ନିଷ୍କପଟ ସ୍ୱୀକାରୋକ୍ତି ତାଙ୍କୁ ମୁଗ୍ଧ କରିଦେଲା।

-ତୁ ସ୍କୁଲକୁ ଯାଉନାହୁଁ କିରେ ?-ସେ ଶୁକୁଟାକୁ ପଚାରିଲେ।

-ନାଇଁ, ମୋ ମାଆ କହେ, ଆମେ ଭାରି ଗରିବ। ତେଣୁ ମୋତେ ସ୍କୁଲ ପଠେଇ ପାରୁନି। ....

-ପୁଅ, ତୋ ନାଁ କଣ କିରେ ? ଶିକ୍ଷକ ପଚାରିଲେ।

-ଶୁକୁଟା, ସେହି ନାଆଁରେ ମୋ ମା ହିଁ ଡ଼ାକେ। .....

-ତୋ ବାପାଙ୍କ ନାଁ, ସେ କଣ କରନ୍ତି ?-ଶିକ୍ଷକ ପଚାରିଲେ।

-ଅନାଦି ସାମନ୍ତ। ଟିକେ ଗୁମ ମାରି....ସେ ମ...ମ..ମରିଯାଇଛନ୍ତି।

.....ଶିକ୍ଷକ ଶୁକୁଟା ହାତରେ ଧରେଇ ଦେଇ କହିଲେ- ଏଇଟା ତୋର ସିଲଟ ଓ ଚକ୍ ଖଡ଼ି। ମୁଁ ତୋର ଗୋଟେ ଭଲ ନାଆଁ ଦେଉଛି, ଅଚ୍ୟୁତ...ଅଚ୍ୟୁତ ସାମନ୍ତ। ତୋ ନାଁ ସ୍କୁଲରେ ଲେଖେଇ ଦେଇଛି। ନିୟମିତ ଆସିବୁ। ଶୁକୁଟା ଖୁସିରେ ଗଦଗଦ ହୋଇ ମୁଣ୍ଡ ହଲେଇ ସମ୍ମତି ଜଣେଇଲା।

....ଇଏ ହେଉଛି ଲକ୍ଷ୍ୟପଥରୁ ଚ୍ୟୁତ ହୋଇ ନଥିବା ଅଚ୍ୟୁତଙ୍କ ଜୀବନାବଳୀର କିଛି କଥା। ଯାହାଙ୍କ ନିଷ୍ଠା, ଉଦ୍ୟମ, ତ୍ୟାଗ, ତିତିକ୍ଷା ପାଇଁ ସେ ଆଜି ବିଶ୍ୱର ଜଣେ ସୁନାମଧନ୍ୟ ବ୍ୟକ୍ତି ଭାବରେ ପରିଚିତ ହୋଇପାରିଛନ୍ତି। ଏସବୁ ପଛରେ ଯିଏ ଛାଇ ପରି ରହି ମୁଣ୍ଡ ଉପରେ ନିର୍ଭୟର ପଣତ ଟାଣି ଏତେ ବାଟକୁ ଆଣିପାରିଛନ୍ତି, ସେ ହେଉଛନ୍ତି...ନୀଳିମାରାଣୀ। ଏହି ମର୍ମରେ ସେ ରଚନା କରିଥିବା ପୁସ୍ତକେ, ‘ମୋ ମାଆ ମୋ ପ୍ରେରଣା’ କେବଳ ତାଙ୍କ ପାଇଁ ନୁହେଁ ବରଂ ଦୁନିଆରେ ସଂଘର୍ଷ କରି ଆଗକୁ ବଢୁଥିବା ସବୁ ବ୍ୟକ୍ତିବିଶେଷଙ୍କ ପାଇଁ ଏକ ଜୀବନ ବେଦ।



# ଗୋତି ଶ୍ରମିକ ନିରୋଧ ଆଇନର ଆବଶ୍ୟକତା

ଅଲେଖ ଚନ୍ଦ୍ର ସାମଲ



ଦେଶରେ କେତେ ସଂଖ୍ୟାରେ ଗୋତି ଶ୍ରମିକ ଅଛନ୍ତି ତାର ସର୍ଭେ କରି ସେମାନଙ୍କ ଥଇଥାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ନିକଟରେ ମାନ୍ୟବର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି । ଖଣ୍ଡପୀଠ କହିଛନ୍ତି ଯେ ସମସ୍ତ ରାଜ୍ୟ ସରକାର ଗୋତି ଶ୍ରମିକ ସର୍ଭେ ସଂକ୍ରାନ୍ତରେ ଏକ ଦ୍ୱିବାର୍ଷିକ ରିପୋର୍ଟ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଦାଖଲ କରିବେ । କମିଶନ ଗୋତିଶ୍ରମିକ ବ୍ୟବସ୍ଥା ଆକ୍ଟର ପ୍ରଚଳନ ବିଷୟ ଉପରେ ତଦାରଖ କରିବେ । ଗୋତିଶ୍ରମିକ ପ୍ରଥା ଉଚ୍ଛେଦ ଆଇନ୍‌ର ଉପଯୁକ୍ତ ପ୍ରଚଳନ ନିମନ୍ତେ ନିର୍ଦ୍ଦେଶ ଦେବା ପାଇଁ ପବ୍ଲିକ୍ ୟୁନିୟନ ଫର ଲିବରଟିଜ୍ ନାମକ ଏକ ସଂସ୍ଥା ପକ୍ଷରୁ ଆଗତ ପିଟିସନ୍ ଉପରେ କୋର୍ଟ ଏହି ଆଦେଶ ପ୍ରଦାନ କରିଛନ୍ତି । ଭାରତ ସରକାର ୨୦୨୧ ଏପ୍ରିଲ ୨୫ରେ ଏକ ସତ୍ୟପାଠରେ ଦର୍ଶାଇଥିଲେ ଯେ କେନ୍ଦ୍ରଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟ ୨୦୦୫-୨୦୧୦ରୁ ୨୦୧୦-୨୦ ମଧ୍ୟରେ ଗୋତିଶ୍ରମିକ ସର୍ଭେ ପାଇଁ ୭୯୪ କୋଟି ଟଙ୍କା ସହାୟତା ଦେଇଥିଲେ । ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, କର୍ଣ୍ଣାଟକ, ବିହାର, ଝାରଖଣ୍ଡ, ଅରୁଣାଚଳ ପ୍ରଦେଶ, ଛତିଶଗଡ଼ ଓ ଉତ୍ତରାଖଣ୍ଡରେ ସର୍ଭେ ହୋଇନଥିଲା । କୋର୍ଟ କହିଛନ୍ତି ଯେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରତି ୩ବର୍ଷରେ ଥରେ ନୂଆ ସର୍ଭେ କରାଯାଇ ସଂଶୋଧିତ ତଥ୍ୟ ୱେବସାଇଟରେ ଦେବାକୁ ହେବ । ଜିଲ୍ଲାସ୍ତରୀୟ ଭିଜିଲାନ୍ସ କମିଟି ଏବଂ ସବ୍‌ଡ଼ିଭିଜନାଲ ଭିଜିଲାନ୍ସ କମକିଟି ସର୍ଭେ ଦାୟିତ୍ୱ ନେବେ। କମିଟି ତାର ରିପୋର୍ଟ ଜାତୀୟ ମାନବାଧିକାର କମିଶନଙ୍କୁ ଦେବେ। ଏହି କମିଟି ପ୍ରତି ୩ବର୍ଷରେ ଥରେ ପୁନର୍ଗଠନ କରାଯିବ । ଇଟାଭାଟି, ପଥରଖଣି, କ୍ରସର, ବିଡ଼ି କାରଖାନା, ନିର୍ମାଣକ୍ଷେତ୍ର, କୃଷି, ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ସୂତାକଳ ଆଦିରେ ଗୋତିଶ୍ରମିକ ବ୍ୟାପକ ସଂଖ୍ୟାରେ ଥିବାରୁ ଏହି କମିଟି ଏସବୁ ଅଞ୍ଚଳର ସର୍ଭେ ଉପରେ ଅଧିକ ଗୁରୁତ୍ୱ ଦେବା ସହିତ ସେଠାରେ ଗୋତିଶ୍ରମିକ ପ୍ରଥା ଆଇନ୍‌ର ଉଲ୍ଲଂଘନ ହୋଇଥିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।

୨୦୦୯ରେ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଆଇନ୍‌ରେ ୧ରୁ ୮ମ ଶ୍ରେଣୀ ଶିକ୍ଷାକୁ ବାଧ୍ୟତାମୂଳକ କରାଯାଇଥିଲେ ହେଁ ଏବେ ବି ସହର ଏବଂ ଗାଁରେ ଅନେକ ଶିଶୁ ଗୋତିଶ୍ରମ ଭାବେ ତଥା ଘରୋଇ ଚାକର ଭାବେ କାମ କରୁଛନ୍ତି ଏବଂ ସେମାନେ ସ୍କୁଲକୁ ଯାଉନାହାନ୍ତି। ଗ୍ରାମାଞ୍ଚଳ ସ୍ତରରେ ପଞ୍ଚାୟତ ଓ ସହରାଞ୍ଚଳ ସ୍ତରରେ ପୌରସଂସ୍ଥା ଏଭଳି ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କ ଶିକ୍ଷାଦାନ ବ୍ୟବସ୍ଥା ନିଶ୍ଚିତ କରାଇବାକୁ ରାୟରେ କୁହାଯାଇଛି। ଆକ୍ଟର ଧାରା ୧୦, ୧୧ ଓ ୧୨ ସଠିକ୍ ଭାବେ କାର୍ଯ୍ୟକାରି ପାଇଁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସର୍ବନିମ୍ନ ମଜୁରୀ ଆକ୍ଟ, ଶ୍ରମିକ କ୍ଷତିପୂରଣ ଆକ୍ଟ, ଆନ୍ତଃରାଜ୍ୟ ଦେଶାନ୍ତର ଶ୍ରମିକ ଆଇନ୍, ଶିଶୁଶ୍ରମିକ ଉଚ୍ଛେଦ ଓ ନିୟନ୍ତ୍ରଣ ଆଇନ ଯେପରି ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିବ ଏ ଦିଗରେ ଜିଲା ମାଜିଷ୍ଟ୍ରେଟ୍ ଏବଂ ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସନ ଦୃଷ୍ଟିଦେବା ଆବଶ୍ୟକ। ଗୋତିଶ୍ରମିକଙ୍କ ସମ୍ପର୍କରେ କୌଣସି ତଥ୍ୟ ପାଇଲେ ଏ ବିଷୟରେ ଜିଲା ମାଜିଷ୍ଟ୍ରେଟଙ୍କୁ ଜଣାଇବା ପାଇଁ ସମସ୍ତ ଗ୍ରାମପଞ୍ଚାୟତ, ସ୍ୱାୟତ୍ତ ଶାସନ ସଂସ୍ଥା ଓ ଲୋକାଲ ବଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସରକାରଙ୍କ ପକ୍ଷରୁ ଜାତୀୟ ମାନବାଧିକାର କମିଶନଙ୍କୁ ପଠାଯାଇଥିବା ୬ ମାସିଆ ରିପୋର୍ଟ ଅପରିବର୍ତ୍ତିତ ରଖିବାକୁ କୁହାଯାଇଛି । ଯେଉଁ ଅଞ୍ଚଳରେ ଭିଜିଲାନ୍ସ କମିଟି ଗଠନ ହୋଇନାହିଁ ସେସବୁ ୬ମାସ ଭିତରେ ତୁରନ୍ତ ଗଠନ କରିବାକୁ କୁହାଯାଇଛି ।

ଏହା ନିଶ୍ଚିତ ଭାବରେ ଦୁଃଖଦ ପ୍ରସଙ୍ଗ ଯେ ଭାରତ ସ୍ୱାଧୀନତା ପ୍ରାପ୍ତିର ଢ଼େର ବର୍ଷ ବିତିଗଲା ପରେ ବି ଆମ ସାମାଜିକ ପରିବେଶରେ ଗୋତିଶ୍ରମିକମାନେ କାର୍ଯ୍ୟ କରୁଛନ୍ତି । ଅନେକ ବିପଜ୍ଜନକ କ୍ଷେତ୍ରରେ ସେମାନଙ୍କ ଜୀବନହାନୀ ହେଉଥିବାର ଖବର ଗଣମାଧ୍ୟମରେ ଖବର ପ୍ରକାଶ ପାଇଥାଏ । ସେଥିସହ କିଛି କାର୍ଯ୍ୟକ୍ଷେତ୍ରରେ ଏହି ଶ୍ରମିକମାନେ ଶୋଷିତ ହେଉଥିବାର ଖବର ମଧ୍ୟ ପ୍ରକାଶ ପାଏ । ଗୋତିଶ୍ରମିକ ପ୍ରଥା ବନ୍ଦ ନେଇ ମାନ୍ୟବର ସୁପ୍ରିମକୋର୍ଟଙ୍କ ପୂର୍ବରୁ ଭାରତର ବିଭିନ୍ନ ହାଇକୋର୍ଟରେ ଏ ନେଇ ମାମଲା ରୁଜୁ ହୋଇଛି ଆଉ ବିଭିନ୍ନ ସମୟରେ ମାନ୍ୟବର ହାଇକୋର୍ଟ ଓ ସୁପ୍ରିମକୋର୍ଟ ମଧ୍ୟ ଦୃଷ୍ଟାନ୍ତମୂଳକ ରାୟ ପ୍ରଦାନ କରିଛନ୍ତି । ତେବେ ସରକାରୀ ସ୍ତରରେ ପ୍ରଶାସନକୁ ସତର୍କ କରିବା ସହ ଶ୍ରମବିଭାଗକୁ ଏନେଇ ଆଲର୍ଟ କରାଯିବା ଜରୁରୀ। ଗୋତିଶ୍ରମିକଙ୍କ ସୁରକ୍ଷା ପାଇଁ ବିଧିବଦ୍ଧ ଆଇନର ଫାଙ୍କ ରହୁଥିବାରୁ ଅନେକ କ୍ଷେତ୍ରରେ ଶ୍ରମଜୀବୀମାନେ ଦାଦନଭାବେ କେବଳ ବାହାର ରାଜ୍ୟ ନୁହେଁ ବିଦେଶକୁ ଯାଇ ଅକଥନୀୟ ଯନ୍ତ୍ରଣା ପାଇଥାନ୍ତି । ଏ କ୍ଷେତ୍ରରେ ଦାଦନ ଶ୍ରମିକ ନିରୋଧ ଆଇନର ବିଧି ବ୍ୟବସ୍ଥା ସେପରି ନଥିବାରୁ ଏହାର ଫାଇଦା ତଥା କଥିତ ଦଲାଲ ଓ ଠିକାଦାରମାନେ ଉଠାଇଥାନ୍ତି । ଗୋତି ଶ୍ରମିକଙ୍କ ସୁରକ୍ଷା ପାଇଁ ଭାରତର ବିଭିନ୍ନ ରାଜ୍ୟରେ ଆଇନ କାର୍ଯ୍ୟକାରୀ କରୁଥିଲେ ବି କିଛି ରାଜ୍ୟରେ ଏହି ଆଇନ ପ୍ରଣୀତ ହୋଇନଥିବାରୁ ଏହାର ଫାଇଦା ଉଠାଯାଉଛି । ଶୋଷିତ ହେବା ସହ ସୁରକ୍ଷିତ ଆଇନ ନଥିବାରୁ ଏହି ଶ୍ରମିକମାନେ ଆର୍ଥିକ ସହାୟତା ପାଇବାରୁ ବଞ୍ଚିତ ହୋଇଥାନ୍ତି । ପ୍ରତିବର୍ଷ ଶ୍ରମଦିବସରେ ଗୋତିଶ୍ରମିକଙ୍କ ସୁରକ୍ଷା ପାଇଁ ଫମ୍ପା ଘୋଷଣାର ଆବାଜ୍ ଶୁଭିଥାଏ ସିନା କିନ୍ତୁ ଏହା କାର୍ଯ୍ୟକାରୀ ହୋଇନଥିବାରୁ ଏବଂ ଏନେଇ ସଚେତନତା ସୃଷ୍ଟି ହୋଇନଥିବାରୁ ଆଇନର ଦୁର୍ବଳତାରୁ ଫାଇଦା ଉଠାଇଥାନ୍ତି ତଥାକଥିତ ଶୋଷକ ବର୍ଗର ଠିକାଦାର ଓ ସର୍ଦ୍ଦାରମାନେ । ତେଣୁ ତୁରନ୍ତ ଗୋତିଶ୍ରମିକ ନିରୋଧ ଆଇନ କଡ଼ାକଡ଼ି କାର୍ଯ୍ୟକାରୀ କରାଗଲେ ବର୍ଷ ବର୍ଷର ଏହି ଯନ୍ତ୍ରଣାକୁ ଭୋଗୁଥିବା ଶ୍ରମଜିବୀଙ୍କ ମୁହଁରେ ହସ ଫୁଟିପାରନ୍ତା ।





ପୂର୍ବତନ ଡିଏଫଓ,
ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୪୩୭୨୫୭୧୨୩
E-mail : alekha007samal@gmail.com

ଅ ପେ ରା ଆ ଇ ଟ ମ୍
ଶ୍ରୀଗୋବିନ୍ଦ

# ରଙ୍ଗମଞ୍ଚ ଡ଼ାକେ ଆ...ଆ...

## ଦର୍ଶକଙ୍କ ମନକୁ ଛୁଇଁବା ଭଳି ଗୀତର ଗଜରା ଗୁନ୍ଥନ୍ତି..

## ଗୀତିକାର ସାସମଲ ମାନସ



କଳା ପ୍ରତି ଦୁର୍ବଳତା ପିଲାଟି ବେଳରୁ ରହିଛି । ସେତେବେଳେ ମନୋରଞ୍ଜନର ମାଧ୍ୟମ ସେମିତି କିଛି ନଥିଲା । ରେଡିଓ ହିଁ ଥିଲା ଏକ ମାତ୍ର ମାଧ୍ୟମ । ଶିଶୁ ସଂସାର ହେଉ ଅବା ଯୁବବାଣୀ, ସମୟକୁ ଅପେକ୍ଷା କରିବାକୁ ପଡୁଥିଲା । ରେଡିଓ ଶୁଣି ଶୁଣି କଟିଥିଲା ଶୈଶବ, କୈଶୋର ଓ ଯୌବନ । ରେଡିଓର ବିଭିନ୍ନ ପ୍ରୋଗ୍ରାମ୍ ଶୁଣୁଥିଲୁ ଓ ଚିଠି ଲେଖୁଥିଲୁ । ଏହାର ମଜା ବି ଥିଲା ସେତେବେଳେ ନିଆରା । କଲେଜ ପଢ଼ା ସରିବା ପରେ ଆକାଶବାଣୀ ସହ ଯୋଡ଼ି ହୋଇଗଲି । ମୋର ପ୍ରଥମ ଗୀତ 'ଭୋର୍ ହେଲେ ପ୍ରିୟା ମୋର ନିଦରୁ ଉଠେ' ବାଜିବା ପରେ ମନରେ ଉତ୍ସାହ ଆସିଯାଇଥିଲା, ମୁଁ ଜଣେ ଗୀତିକାର ଭାବରେ ଓଡ଼ିଶାରେ ମୋର ପରିଚୟ ସୃଷ୍ଟି କରିବି । ସେହିଦିନ ଠାରୁ କେବେ ପଛକୁ ଫେରିନାହିଁ । ଅନେକ ଗୀତ ଆକାଶବାଣୀରେ ଲେଖିବା ପରେ ଭଜନ, ଆଲବମ୍, ସିରିଏଲ୍, ସିନେମାରେ ଗୀତ ଲେଖିବାର ସୁଯୋଗ ପାଇଲି । ୨୦୦୦ ମସିହାରୁ ଆଜିଯାଏ କେବେ ପଛକୁ ଚାହିଁନାହିଁ ବରଂ ଗୀତକୁ ନିଶା ଓ ପେସା କରି ବାଟ ଚାଲିଛି ବୋଲି କୁହନ୍ତି ଆମ ସମୟର ଜଣେ ଲୋକପ୍ରିୟ ଗୀତିକାର ସାସମଲ ମାନସ ।

ସେ ସର୍ବଦା ଯାତ୍ରାରେ ସେ ଗୀତ ଲେଖି ଚର୍ଚ୍ଚାରେ ରହିଥାନ୍ତି । ଯାତ୍ରାରେ ଯେଉଁସବୁ ଗୀତ ତାଙ୍କ ଲେଖନୀରୁ ଝରି ପଡ଼ିଛି, ଦର୍ଶକଙ୍କ କଣ୍ଠରେ ତାହା ଗୁଣୁଗୁଣେଇ ରହିଛି ସର୍ବଦା । ସେ କେବଳ ଓଡ଼ିଆ ଯାତ୍ରା ନୁହେଁ, ସବୁଥିରେ ପାରିବାପଣିଆ ଦେଖାଇଛନ୍ତି । ଆଲବମ୍, ଭଜନ, ସିରିଏଲ, ସିନେମା...କେଉଁଥିରେ ସେ ସଫଳତା ପାଇ ନାହାନ୍ତି । ଗୀତର ଧାଡ଼ି ଗୁଡ଼ିକ ସ୍ୱରର ରୂପ ନେବାବେଳେ ସାସମଲ ମାନସ ଆଉ ଟିକେ ଉଜ୍ଜ୍ୱଳ ଲାଗନ୍ତି । କେବଳ ଗୀତିକାର ନୁହେଁ ବରଂ ଉଦଘୋଷକ ଭାବରେ ତାଙ୍କର ସୁଖ୍ୟାତି ରହିଛି । ଦର୍ଶକଙ୍କୁ ବାନ୍ଧି ରଖିବା କଳା ତାଙ୍କ ପାଖରେ ମହଜୁଦ ହୋଇ ରହିଛି । କେବଳ ଏତିକି ନୁହେଁ ୧୦୦ରୁ ଅଧିକ ନାଟକରେ ଗୀତ ଲେଖିବା ସହ ସେ ଯେଉଁସବୁ ହିଟ୍ ଯାତ୍ରାରେ ଦେଇଛନ୍ତି । ଯାତ୍ରାରେ ହିଟ୍ ସାବ୍ୟସ୍ତ ହୋଇଥିବା ନାଟକ ମଧ୍ୟରେ ଆଖି ଅବୁଝାକୁ ଲୁହ ଅବୁଝା, କାହାଣୀ କାନ୍ଦୁଛି ଆଖି ଲୁଚେଇ, ତୋ ନାଁରେ ମୋ ନାଁକୁ ଦେଇଛି ଯୋଡ଼ି, ଗୁପ୍ତ ସଂପର୍କ, କଟି କଟି ଡ଼ବଲ କଟି, ନଅଙ୍କ ଦୁର୍ଭିକ୍ଷ, ହସ ତମରେ ନା ଲୁହରେ ତମେ, ସ୍ୱାମୀ ପାଇଁ ପଛେ ନର୍କକୁ ଯିବି, ଏ କେମିତିକା ସମ୍ପର୍କ, ବଦନାମ ଗଳିର ବାଦଶାହା, ଗାନ୍ଧୀ କଣ ଭୁଲ ହୋଇଗଲା କି ଭଳି ଶହ ଶହ ନାଟକରେ ତାଙ୍କ ଗୀତ ରହିଛି ।

ଏହା ବୀତୀତ ସାସମଲ ମାନସଙ୍କର ଗୀତିକାର ଜୀବନର ରହିଛି ଅନେକ ଲମ୍ବା ରାସ୍ତା । ହରିଣ ନଦିଏ ଧରା, ତୋତେ ଭୁଲିବା ସମ୍ଭବ ନୁହେଁ, ତୁ ସାଥୀ ସାତ ଜନମର, ଦଶରା ଛୁଙ୍କ, ମୋ ଗାଁ, ଆମ ଗାଁ ଭାଗବତ ଟୁଙ୍ଗି ଭଳି ଶହ ଶହ ଆଲବମ୍‌ରେ ରହିଛି ମାନସଙ୍କ ହାତଛୁଆଁ । ସେହିପରି ଧାରାବାହିକ ସିନ୍ଦୂର, ଟିକେ ଖରା ଟିକେ ଛାଇ ଓ ଭଜନରେ ମା' ଶାରଳା ବାପା ଜଗନ୍ନାଥ, ଏତେ କହି ହନୁମାନ ବେଗେ ଚଳିଗଲା, ନବଦୁର୍ଗା, ବନ୍ଦଇ ରଘୁନାଥ, ଥରେ ବଡ଼ ଦେଉଳକୁ ଗଲେ, ରଥ କହେ ମୁଁ ଦେବତା, ତୋ ରଥକୁ ଓଳିଗି ଭଳି ଅନେକ ଗୀତ ଲେଖି ନିଜର ଛାପ ରଖିଦେଇଆସିଛନ୍ତି । ହସିବ ପୁଣି ମୋ ସୁନା ସଂସାର, ତୁ ମୋର ସପନରାଣୀ, ତୁ ଆଉ ମୁଁ, ବଦମାସ ଟୋକା, ମାୟା, କର୍ତ୍ତବ୍ୟ ଭଳି ସିନେମାରେ ଗୀତ ରଚନା କରିବା ସହ ଅନେକ ଟ୍ରେଣ୍ଡିଂ ଗୀତରେ ମାନସଙ୍କର ରହିଛି କୁହୁକ ଛୁଆଁ । କଳା ଅବଧାନ ଆଲବମରେ ଗୋବିନ୍ଦ୍ର ଚନ୍ଦ୍ର କଣ୍ଠଦାନ କରିଥିବା ଗୀତ ଅବଧାନ କାହିଁ ସାଜୁନ ତୁମେ ଚକାନୟନ ବେଶ ଲୋକପ୍ରିୟ ହୋଇଥିବା ଏବର୍ଷର ସୁପରହିଟ୍ ଗୀତ । ମିଲିୟନ ମିଲିୟନ ଲୋକ ଏହି ଗୀତର ପ୍ରଶଂସକ ।



ହଂସିକା

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com